

ପ୍ରତ୍ୟେକ ବ୍ୟକ୍ତି ନିଜର ଉନ୍ନତିରେ ସନ୍ତୁଷ୍ଟ ନ ରହି ସମସ୍ତଙ୍କର ଉନ୍ନତିରେ ନିଜର ଉନ୍ନତି ବୋଲି ବୁଝିବା ଉଚିତ।
- ଦୟାନନ୍ଦ ସରସ୍ୱତୀ



# ଆବାସ ସମ୍ପୂର୍ଣ୍ଣ କରିବାକୁ ପ୍ରଶାସନର ତତ୍ପରତା

**ଯାଜପୁର ଅଫିସ,୨।୨**

ଯାଜପୁର ଜିଲାରେ ଆବାସ ଗୃହ ନିର୍ମାଣରେ ଅଗ୍ରଗତି ନୈରାଶ୍ୟଜନକ ରହିଛି। ପୂର୍ବରୁ ଏହି ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଘର ମିଳି ନ ଥିବାବେଳେ ଥିଲାବାଲା ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଥିବା ନଜିର ରହିଛି। ତେବେ ଏନେଇ ବିଭିନ୍ନ ସମୟରେ ଧରିତ୍ରୀ ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ଆବାସ ଘର ସମ୍ପୂର୍ଣ୍ଣ କରିବା ନେଇ ତତ୍ପରତା ପ୍ରକାଶ ପାଇଛି। ଏହିକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ପରିଦର୍ଶନରେ ଯାଇ ନିର୍ମାଣାଧୀନ ଆବାସ ଘରଗୁଡିକର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ ସାରିଲେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ କେତେକ ହିତାଧିକାରୀ ଘର କରିବା ତାଲିକାରେ ସାମିଲ ହୋଇ କିଛି ଅର୍ଥ ପାଇଥିଲେ ମଧ୍ୟ ଘର ଶେଷ କରିବାକୁ ବିଳମ୍ବ କରୁଛନ୍ତି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ବିଳମ୍ବିତ ବ୍ୟକ୍ତିମାନଙ୍କୁ ବୁଝାସୁଝା କରି ଘରଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ଉଦ୍ୟମ ଆରମ୍ଭ କରିଛନ୍ତି। ବର୍ତ୍ତମାନ ପ୍ରତ୍ୟେକ ଦିନ ସକାଳୁ ସେ ବିଭିନ୍ନ ବ୍ଲକର ବିଭିନ୍ନ ପଞ୍ଚାୟତକୁ ବାହାରି ଯାଉଛନ୍ତି। ସେଠାରେ ଘର ପାଇଥିବା ଲୋକଙ୍କ ତାଲିକା ଅନୁଧ୍ୟାନ କରି ହିତାଧିକାରୀଙ୍କ ଦୁଆର ମୁହଁରେ ପହଞ୍ଚି ଯାଉଛନ୍ତି। କ'ଣ ଅସୁବିଧା ଓ କାହିଁକି ନିର୍ମାଣ ବିଳମ୍ବ ହେଉଛି ସେ ସମ୍ପର୍କରେ ପଚାରି ବୁଝିବା ସହ ଯଥାଶୀଘ୍ର ଘର ପୂର୍ଣ୍ଣାଙ୍ଗ କରିବାକୁ ପରାମର୍ଶ ଦେଉଛନ୍ତି। ଘର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଅର୍ଥ ବା ପ୍ରୋତ୍ସାହନ ରାଶିକୁ ଯେପରି ସମସ୍ତ ହିତାଧିକାରୀ ପାଇ ପାରିବେ ସେଥିପାଇଁ ତ୍ୱରାନ୍ୱିତ ପ୍ରକ୍ରିୟାରେ ଘର ନିର୍ମାଣ ଜରୁରୀ। ଏଥିପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ମଧ୍ୟ ବିଭିନ୍ନ ସମୟରେ ବିଭିନ୍ନ ବୈଠକରେ ଗୁରୁତ୍ୱ ଦେଇଛନ୍ତି। ତେବେ ଘର ପାଇଁ ବ୍ୟସ୍ତ ହେଉଥିବା ଲୋକଟି ୱାର୍କ ଅର୍ଡର ପାଇବା ପରେ ଏପରି ଶିଥିଳ ଭାବେ କାମ କରି ଅଯଥା ବିଳମ୍ବ ଅତ୍ୟନ୍ତ ଦୁଃଖଦାୟକ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ନାୟକ କହିବା ସହ ଲୋକଙ୍କୁ ବୁଝା ଯାଉଛି ଓ ସେମାନେ ଆଗାମୀ ଦିନମାନଙ୍କରେ ତତ୍ପର ହୋଇ ଘର କରି ପ୍ରୋତ୍ସାହନ ରାଶି ମଧ୍ୟ ପାଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଶନିବାର ପୂର୍ବାହ୍ନରେ ଦଶରଥପୁର ବ୍ଲକର ଚିତାଳୋ ଓ ଅକରପଡା ପଞ୍ଚାୟତର ବିଭିନ୍ନ ହିତାଧିକାରୀଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋଚନା କରିବା ସହ ଘରଗୁଡିକୁ ମଧ୍ୟ ଅନୁଧ୍ୟାନ କରିଥିବା ସୂଚନା ମିଳିଛି। ଅନୁରୂପଭାବେ ସମସ୍ତ ବିଡିଓ ନିଜ ନିଜ ଅଞ୍ଚଳ ମଧ୍ୟରେ ହିତାଧିକାରୀଙ୍କ ନିକଟରେ ପହଞ୍ଚି ଗୃହ ନିର୍ମାଣ ତ୍ୱରାନ୍ୱିତ କରିବାକୁ ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।



■ଗୃହ ନିର୍ମାଣ ଅଗ୍ରଗତି ନୈରାଶ୍ୟଜନକ
■ଘରକୁ ଘର ବୁଲି ପରିଦର୍ଶନ କରୁଛନ୍ତି ପ୍ରକଳ୍ପ ନିର୍ଦ୍ଦେଶକ

## ସଂକ୍ଷେପରେ

### ନିଶା ଖୁଆଇ ଯୁବକଙ୍କଠାରୁ ଲୁଟ୍

**ଧର୍ମଶାଳା ୨।୨(ଡିଏନ୍ଏ) :** ଧର୍ମଶାଳା ଥାନା ସାନ ବାଲିକୁଦା ଗ୍ରାମର କେଦାରନାଥ ଜେନା ଅନୁଗୋଳରୁ ଘରକୁ ଫେରୁଥିବାବେଳେ ତାଙ୍କୁ ବାଟରେ ଲୁଟେରା ଚା'ରେ ନିଶା ଦେଇ ଲୁଟ କରିବା ପରେ ରାସ୍ତାକଡ଼ରେ ଫୋପାଡ଼ି ଚାଲିଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ କେଦାରଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ କେଦାରଙ୍କ ବଡ଼ଭାଇ ବିଜୟ କୁମାର ଜେନା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୮/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କେଦାର ଅନୁଗୋଳଠାରେ ନାଲ୍କୋରେ ଚାକିରି କରିଛନ୍ତି। ଗତ ଶନିବାର ଘରକୁ ଫେରି ଛତିଆ ନିକଟରେ ଜଣଙ୍କ ମୋଟର ସାଇକେଲରେ ଲିଫ୍ଟ ମାଗି ଜାରକା ଆସୁଥିଲେ। ତେବେ ତାଙ୍କୁ ଲିଫ୍ଟ ଦେଇଥିବା ବ୍ୟକ୍ତି ବାଟରେ ଚା'ରେ ନିଶା ମିଶାଇ ପିଇବାକୁ ଦେଇଥିଲେ। କେଦାର ଅଚେତ ହୋଇଯିବା ପରେ ତାଙ୍କଠାରୁ ଏଟିଏମ୍ କାର୍ଡ ଓ ନଗଦ ୧୦ ହଜାର ଟଙ୍କା ଲୁଟିନେବା ପରେ ୧୬ନଂ. ଜାତୀୟ ରାଜପଥ ନେଉଳପୁର ନିକଟସ୍ଥ ରାସ୍ତା ପାର୍ଶ୍ୱରେ ପକାଇ ଫେରାର ହୋଇଯାଇଥିଲେ।

### ପୁଣି ଏକ ଗୋରୁ ବୋଝେଇ ଭ୍ୟାନ ଜବତ

**ରସୁଲପୁର,୨।୨(ଡି.ଏନ.ଏ.):** ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥ ଦେଇ ଯାଉଥିବା ଏକ ଗୋରୁ ବୋଝେଇ ପିକ୍ଅପ ଭ୍ୟାନକୁ ଶନିବାର ଜବତ କରାଯାଇଥିବାବେଳେ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ନିକଟରୁ ରବିବାର ଅପରାହ୍ନରେ ଆଉ ଏକ ଗୋରୁ ବୋଝେଇ ପିକ୍ଅପ ଭ୍ୟାନକୁ ବଜରଙ୍ଗ ଦଳ ପିଛା କରି ଅଟକ ରଖିଥିଲେ। ପୋଲିସ ଆସି ତାହାକୁ ଜବତ କରିଥିବା ଜଣାପଡ଼ିଛି। ଉକ୍ତ ଭ୍ୟାନଟି ୫ଟି ଗୋରୁ ବୋଝେଇ କରି ଚଣ୍ଡିଖୋଲରୁ କୁଆଖିଆ ଆଡକୁ ଯାଉଥିଲା। ଉକ୍ତ ଗୋରୁଗୁଡିକୁ ବଜରଙ୍ଗ ଦଳର କର୍ମୀମାନେ ଫିଟାଇ ଦେଇ ଦୁର୍ଗାପୁର ପାଟକୁ ଛାଡି ଦେଇଥିଲେ। ଏହି ମୌକାରେ ଗାଡି ଚାଳକ ଫେରାର ହୋଇଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଧର୍ମଶାଳା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିକପ୍ ଭ୍ୟାନଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ଅପରପକ୍ଷେ ଶନିବାର ଗୋରୁ ବୋଝେଇ ଗାଡ଼ି ଜବତ ଘଟଣାରେ ପୋଲିସ ଗିରଫ କରିଥିବା ୨ଜଣଙ୍କୁ ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଜଗତସିଂହପୁର ଜିଲା କୋଠପାଟଣା ଗ୍ରାମର ସୁଦାମ ଦାସ(୨୩) ଓ ଅନ୍ୟଜଣେ ଖୋର୍ଦ୍ଧା ଜିଲା ବାଲିପାଟଣା ଅଞ୍ଚଳର ସୌକତ ଅଲ୍ଲୀଙ୍କ(୪୨) ବୋଲି ଜଣାପଡିଛି।

### ଆନ୍ତଃକ୍ଲବ କ୍ରିକେଟ: ଏମ୍ସିସି ଯାଜପୁର ଟାଉନ ବିଜୟୀ

**ଧର୍ମଶାଳା,୨।୨(ଡିଏନ୍ଏ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ବିଏମ୍ସିସି ଗୋଲକୁଣ୍ଡକୁ ୧୦ ୱିକେଟରେ ପରାସ୍ତ କରି ଏମ୍ସିସି ଯାଜପୁର ଟାଉନ ଟିମ୍ ବିଜୟୀ ହୋଇଛି। ପ୍ରଥମେ ବିଏମ୍ସିସି ଗୋଲକୁଣ୍ଡ ଟିମ୍ ବ୍ୟାଟିଂ କରି ୨୬.୨ ଓଭରରେ ସମସ୍ତ ୱିକେଟ ହରାଇ ୬୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଯାଜପୁର ଟାଉନ ଟିମ ୮.୨ ଓଭରରେ ବିନା ୱିକେଟରେ ୬୬ ରନ କରି ବିଜୟୀ ହୋଇଥିଲା। ଖେଳକୁ ଶୁଭ୍ରଜିତ ଦାସ ଓ ଦିଲୀପ ସାମଲ ପରିଚାଳନା କରିଥିଲାବେଳେ ଜିତେନ୍ଦ୍ର କୁମାର ସେନାପତି ଓ ବାସୁଦେବ ମିଶ୍ର ସ୍କୋରରେ ସହାୟତା କରିଥିଲେ। ସୋମବାର କେଡିଏମ ଧର୍ମଶାଳା ସହିତ କେଏନ୍ଏସ୍ ଯାଜପୁର ରୋଡ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ତ୍ରିନାଥ ସାହୁ ଜଣାଇଛନ୍ତି।

# ସେମିଫାଇନାଲରେ କଟକ ରାଇଜିଂ ଷ୍ଟୁଡେଣ୍ଟ

**ଯାଜପୁର ଟାଉନ,୨।୨(ଡିଏନଏ)**

**ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ଯାଜପୁର ଏମ୍ସିସି କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବାଳାଶ୍ରମ ପଡ଼ିଆରେ ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଯାଜପୁର ଇଲେଭେନଷ୍ଟାରକୁ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟ ସେମିଫାଇନାଲକୁ ପ୍ରବେଶ କରିଛି। ପ୍ରଥମେ ଇଲେଭେନଷ୍ଟାର ଟସ୍ ଜିତି ନିର୍ଦ୍ଧାରିତ ୩୦ ଓଭର ଖେଳି ୭ ୱିକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବାଦଲ ମିଶ୍ର ୩୬ ବଲ ଖେଳି ୪୧ରନ୍ ଓ ଅନୁପ ବଳ ୩୮ବଲ ଖେଳି ୩୩ରନ୍ ସଂଗ୍ରହ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ଧିରଜ ସିଂ ୬ ଓଭର ବୋଲିଂ କରି ୧୮ରନ୍ ଦେଇ ୨ ୱିକେଟ୍ ଓ ଝାମେଲା ମହାପାତ୍ର ୬ଓଭର ବୋଲିଂ କରି ୩୩ରନ୍ ଦେଇ ୨ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାଇଜିଂ ଷ୍ଟୁଡେ଼ଣ୍ଟ କଟକ ୨୦.୩ ଓଭର ଖେଳି କୌଣସି ୱିକେଟ୍ ନ ହରାଇ ୧୫୨ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଝାମେଲା ମହାପାତ୍ର ୫୯ଟି ବଲ ଖେଳି ୮୩ ରନ୍ ଓ ଅବିନାଶ ନାୟକ ୬୪ବଲ୍ ଖେଳି ୬୭ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟର ଝାମେଲା ମହାପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ଭାବେ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ଅମ୍ପାୟାରଭାବେ ଆଶୁତୋଷ ପାଣି ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ ସ୍କୋରରଭାବେ ଶୁଭ୍ରାଂଶୁ ଶେଖର ବେହୁରିଆ ଏବଂ ଜଗନ୍ନାଥ ସାମଲ ପରିଚାଳନା କରିଥିଲେ। ସୋମବାର ରାଇଜିଂ ୟୁଥ୍ କ୍ଲବ୍ ରାଉରକେଲା ସହିତ ରାଞ୍ଚି ରେଲୱେ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଦୁର୍ଘଟଣାରେ ଛାତ୍ରନେତାଙ୍କ ମୃତ୍ୟୁ

**ରସୁଲପୁର,୨।୨(ଡିଏନଏ)**

ରସୁଲପୁର ବ୍ଲକ ମୁଗୁପାଳ ପଞ୍ଚାୟତ ସାରଙ୍ଗପୁର ଗ୍ରାମର ଜଣେ ଛାତ୍ରନେତାଙ୍କର ଶନିବାର ରାତିରେ ଏକ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ନରହରି ନାୟକଙ୍କ ପୁଅ ବିଶ୍ୱଜିତ୍ ନାୟକ(୨୪) ଓରଫ ସିପୁ। ପ୍ରକାଶ ଯେ, ଶନିବାର ରାତିରେ ସିପୁ କୌଣସି ଏକ କାମରେ କଲିକତା ଯାଉଥିଲେ। ଯାଜପୁର ରୋଡ ରେଲୱେ ଷ୍ଟେଶନରେ ଟ୍ରେନ ଚଢ଼ିବା ସମୟରେ ଗୋଡ ଖସିଯିବାରୁ ସେ ରେଳଧାରଣାରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ରେଲୱ ପୋଲିସ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରବିବାର ସନ୍ଧ୍ୟାରେ ସିପୁଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ତାଙ୍କ ଶେଷ ଦର୍ଶନ ପାଇଁ ସ୍ଥାନୀୟ ଅଞ୍ଚଳର ଶହ ଶହ ଲୋକଙ୍କ ସୁଅ ଛୁଟିଥିଲା। ସୂଚନା ଥାଉକି, ସିପୁ ୨୦୧୪ ମସିହାରେ ଏହି ବ୍ଲକ ଅଞ୍ଚଳର ସର୍ବପୁରାତନ କଲେଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ(ମୁଗୁପାଳ କଲେଜ)ରେ ବିଏ ପଢ଼ିବା ସମୟରେ ସେହି ବର୍ଷ ସେ ଛାତ୍ର ସଂସଦ ନିର୍ବାଚନରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ।

# 'ସମାଜକୁ ଶୃଙ୍ଖଳିତ କରିବା ପାଇଁ ସାହିତ୍ୟ ଜରୁରୀ'

**ବରୀ,୨।୨(ସ୍ୱପ୍ର)**

ସମାଜ କଳୁଷିତ ହେବାରେ ଲାଗିଛି। ସମାଜକୁ ଶୃଙ୍ଖଳିତ କରି ଗଢି ତୋଳିବାକୁ ହେଲେ ସାହିତ୍ୟର ଆବଶ୍ୟକତା ରହିଛି ବୋଲି ରବିବାର ବରିଶ୍ରୀର ଏକାଦଶ ବାର୍ଷିକ ଆସର ଓ ଏକବିଂଶ ସଂଖ୍ୟା ଅନାବରଣ ଉତ୍ସବରେ ବିଶିଷ୍ଟ ସାହିତ୍ୟିକମାନେ ମତ ପ୍ରକାଶ କରିଛନ୍ତି। ବରିଶ୍ରୀର ସଭାପତି ଆଶୁତୋଷ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପକ ତଥା ସାହିତ୍ୟିକ ପ୍ରଶାନ୍ତ ସାହୁ ଯୋଗଦାନ କରି ବରୀ ମାଟିରେ ସାହିତ୍ୟ, ସଂସ୍କୃତି ପରମ୍ପରା, ଐତିହ୍ୟ, କଳା, ଭରପୂର ରହିଛି। ଏହି ମାଟିରେ କବି ଅଭିମନ୍ୟୁ ସାମନ୍ତସିଂହାର, କବି ବାଞ୍ଛାନିଧି ଦାସ, ଜନ୍ମ ନେଇ ସମାଜକୁ ସାହିତ୍ୟର ଦିଗ୍‌ଦର୍ଶନ ଦେଇଛନ୍ତି। ବରିଶ୍ରୀ ପ୍ରଚେଷ୍ଟାରେ ବରୀ ସାହିତ୍ୟର ବୈପ୍ଳବିକ ପରିବର୍ତ୍ତନ ଆସିଛି ବୋଲି ଅନ୍ୟତମ ସାହିତ୍ୟିକ ରବୀନ୍ଦ୍ର ନାଥ ମିଶ୍ର, ଅଭୟ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦାନ କରି ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ରମାଦେବୀ ଆଶ୍ରମରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ସୁମନ୍ତ କୁମାର ପଣ୍ଡା ବିବରଣୀ ପାଠ କରିଥିଲାବେଳେ ଷ୍ଟାଲିନ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବରିଶ୍ରୀର ଏକବିଂଶ ସଂଖ୍ୟା ଅନାବରଣ କରାଯାଇଥିଲା। ସାହିତ୍ୟିକ ବୃନ୍ଦାବନ ସାମଲ, ବିଷ୍ଣୁଚରଣ ମହାନ୍ତି, ବିଚିତ୍ରା ନନ୍ଦ ପୁହାଣ, ଦୁର୍ଯ୍ୟୋଧନ ଶତପଥୀ, ନିରଞ୍ଜନ ସାହୁ, ଅଭିରାମ ସାହୁ, ଜୀବନ ଜେନା ପ୍ରମୁଖ ଶତାଧିକ ସାହିତ୍ୟିକ ଉପସ୍ଥିତ ଥିଲେ।



ବରିଶ୍ରୀର ଏକାଦଶ ବାର୍ଷିକ ଆସରରେ ମଞ୍ଚାସୀନ ଅତିଥି।

# ବିଳମ୍ବିତ ରାତିରେ ଗୁରୁତର ଅବସ୍ଥାରେ ଯୁବତୀ ଉଦ୍ଧାର

**ଯାଜପୁର ଅଫିସ,୨।୨**

**ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ**

ଯାଜପୁରରୋଡ ଥାନା ବ୍ୟାସନଗର ସ୍ୱୟଂଶାସିତ କଲେଜ ଛକ ନିକଟ ରାସ୍ତାକଡ଼ରୁ ଶନିବାର ବିଳମ୍ବିତ ରାତିରେ ଜଣେ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଘଟଣା ଏବେ ରହସ୍ୟଜନକ ହୋଇଛି। ଯାଜପୁରରୋଡ ଥାନା ପୋଲିସ ନିଜଆଡୁ ମାମଲା (ନଂ.୪୭/୨୦୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରବିବାର ସନ୍ଧ୍ୟାରେ କେନ୍ଦ୍ରାପଡାରୁ ଅନୁସନ୍ଧାନୀ କୁକୁର ସମେତ ସାଇଣ୍ଟିଫିକ ଦଳ ଘଟଣାର ତଦନ୍ତ କରିଛି। ଯୁବତୀ ଜଣକ କୋରେଇ ଥାନା ଅଞ୍ଚଳର ବୋଲି ଜଣାପଡିଛି। ଘଟଣା ଦିନ ଜଣେ ଯୁବକ ଉକ୍ତ ଯୁବତୀଙ୍କୁ ଡ୍ରେନକୁ ଠେଲିଦେଇ କଲେଜ ପାଚେରୀ ଦେଇ ଫେରାର ହୋଇଯାଇଥିବା ଜଣାପଡିଥିଲା। ତେବେ ଯୁବତୀ ଜଣକ ଚିତ୍କାର କରିବାକୁ ନିକଟରେ ଥିବା ଦୁଇଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଯାଜପୁରରୋଡ ଏସଡିପିଓ ଚିନ୍ମୟ କୁମାର ନାୟକ, ଥାନାଧିକାରୀ ଅନୀଲ କୁମାର ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେ ଦୀର୍ଘ ସମୟ ଧରି ଅଚେତ ଅବସ୍ଥାରେ ଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ପୋଲିସର ଘନଘନ ତଦନ୍ତ ପରେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଆକ୍ରମଣର ଶିକାର ହୋଇଥିବା ବୃଦ୍ଧାଙ୍କ ମୃତ୍ୟୁ

**ଛତିଆ,୨।୨(ଡିଏନ୍ଏ)**

**ଜମିବାଡ଼ି ଗଣ୍ଡଗୋଳ ଘଟଣା**

ଜମିବାଡ଼ିକୁ କେନ୍ଦ୍ର କରି ଗତ ମଙ୍ଗଳବାର ଜଣେ ଯୁବକ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ବୃଦ୍ଧାଜଣକ ୫ଦିନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଛନ୍ତି। ମୃତକ ଜଣକ ହେଲେ ଅଭିମନ୍ୟୁଙ୍କ ସାହୁଙ୍କ ସ୍ତ୍ରୀ ସତ୍ୟଭାମା (୭୦)। ଏହି ଘଟଣାରେ ଆକ୍ରମଣକାରୀ ଯୁବକଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ, ଛତିଆ ପଞ୍ଚାୟତର ନୟାପାଟଣା ଗ୍ରାମର ଅଭିମନ୍ୟୁ ଓ ଦୀନବନ୍ଧୁ ସାହୁଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଜାଗାବାଡ଼ିକୁ ନେଇ ତିକ୍ତତା ଲାଗି ରହିଥିଲା। ମଙ୍ଗଳବାର ସତ୍ୟଭାମା ଓ ଦୀନବନ୍ଧୁ ସାହୁଙ୍କ ମଧ୍ୟରେ ଉକ୍ତ ଜାଗାବାଡ଼ିକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ଦୀନବନ୍ଧୁ ଉତ୍ତ୍ୟକ୍ତ ହୋଇ ଏକ ଲୁହାରଡ଼ରେ ସତ୍ୟଭାମାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏହି ଘଟଣାରେ ବୃଦ୍ଧା ସେହିଦିନରୁ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି।

# ମନ୍ତ୍ରଧ୍ୱନିରେ କମ୍ପିଲା ଗାଁ ପରିବେଶ

## ଦ୍ୱିତୀୟ ଦିବସରେ ମା' ମଙ୍ଗଳା ଯଜ୍ଞୋତ୍ସବ

**ରସୁଲପୁର,୨।୨(ଡିଏନଏ)**

ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ପାଳସାହି ଗ୍ରାମରେ ମା' ମଙ୍ଗଳାଙ୍କ ଯଜ୍ଞ ଉତ୍ସବର ରବିବାର ଦ୍ୱିତୀୟ ଦିବସରେ ପୂଜାକାର୍ଯ୍ୟ ପାରମ୍ପାରିକ ରୀତିନୀତିର ସହ ପାଳିତ ହେଉଛି। ମା'ଙ୍କ ପୀଠରେ ଭକ୍ତ, ଶ୍ରଦ୍ଧାଳୁ, ମାନସିକଧାରୀଙ୍କ ଭିଡ଼ରେ ମନ୍ଦିର ପରିସର ଲୋକାରଣ୍ୟ ହୋଇଉଠିଥିଲା। ନାଗୁଆ ପୁରୋହିତଙ୍କ ଦ୍ୱାରା ମା'ଙ୍କୁ ନାନା ବେଶରେ ଭୂଷିତ କରାଯାଇଥିଲା। ଧୂପ ଓ ସନ୍ଧ୍ୟା ଆଳତୀ ସମୟରେ ମା'ଙ୍କ ପୀଠରେ ମହିଳା ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ତେଣେ ଯଜ୍ଞକାର୍ଯ୍ୟ ବି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପରିଚାଳିତ ହୋଇଥିଲା। ଯଜ୍ଞ ମଣ୍ଡପରେ ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯାଜ୍ଞିକ ପଣ୍ଡିତଙ୍କ ମନ୍ତ୍ରଧ୍ୱନୀ ଓ ଚଣ୍ଡିପାଠରେ ଗାଁ ପରିବେଶ କମ୍ପି ଉଠିଥିଲା। ଗାଁର ଶତାଧିକ ପରିବାର ଆମିଷ ବର୍ଜନ କରି ବ୍ରତ ରଖିଥିଲେ। ବ୍ରତଧାରୀମାନେ ମନ୍ଦିର ନିକଟରେ ପ୍ରସାଦ ସେବନ କରି ମା'ଙ୍କ ଆରାଧନା କରିଥିଲେ। ସନ୍ଧ୍ୟାରେ ମନ୍ଦିର ବେଢାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମକୁ ଗାଁର ଯୁବକମାନେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାରେ ସହଯୋଗ କରୁଛନ୍ତି।



# ଭୂତଳ ଜଳ ସଂରକ୍ଷଣ, ପରିଚାଳନା ସମ୍ପର୍କିତ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

**ଚଣ୍ଡିଖୋଲ,୨।୨(ଡିଏନଏ)**

ଭାରତ ସରକାରଙ୍କ ଜଳଉତ୍ସ ବିଭାଗ ତରଫରୁ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ତରଫରୁ ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଦକ୍ଷିଣ ପୂର୍ବ ଉପଖଣ୍ଡ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମାଟିତଳେ ଥିବା ଗଚ୍ଛିତ ଜଳର ବ୍ୟବହାରକୁ କମ୍ କରିବା ଏବଂ ବର୍ଷାଦିନେ ବର୍ଷା ଜଳକୁ ସଂଗ୍ରହ କରି ଏହାର ସଦୁପଯୋଗ କରିବା ଉପରେ ବକ୍ତାମାନେ ପରାମର୍ଶ ଦେଇଥିଲେ। ଧିରେ ଧିରେ ଭୂତଳ ଜଳ ସ୍ତର ହ୍ରାସ ପାଉଥିବା ଯୋଗୁ ବହୁ ଦେଶ ଚିନ୍ତା ବ୍ୟକ୍ତ କଲେଣି। ଆଗାମୀ ଦିନରେ ଏନେଇ ସଙ୍କଟ ଦେଖା ଦେବାକୁ ଯାଉଛି। ସେଥିପାଇଁ ଭୂତଳ ଜଳର ବ୍ୟବହାରକୁ କମ୍ କରିବା ପାଇଁ ସମସ୍ତେ ନିବେଦନ କରିଥିଲେ। ସେହିପରି ପାହାଡ଼ ପର୍ବତ ଓ ଝରଣାର ଜଳକୁ ଆନିକଟ ବନ୍ଧ ଦ୍ୱାରା ସଂରକ୍ଷଣ କରାଯାଇ ପାରିଲେ ଏହା କୃଷିର ବିକାଶ ଦିଗରେ ସହାୟକ ହେବା ସହିତ ତାକୁ ପାନୀୟ ଜଳ ରୂପେ ମଧ୍ୟ ବ୍ୟବହାର କରାଯାଇ ପାରିବ। ବର୍ଷା ଦିନେ ନଦୀ ଦେଇ ପ୍ରବାହିତ ଜଳକୁ ସଂରକ୍ଷଣ କରିବାର ଆବଶ୍ୟକତା ଆସିଯାଇଛି। ଏହାକୁ ସଂରକ୍ଷଣ ନ କଲେ ଭବିଷ୍ୟତ ପାଇଁ ଜଳସଙ୍କଟ ଉତ୍କଟ ହେବ ବୋଲି ଆଲୋଚକମାନେ ମତ ରଖିଥିଲେ। ଭୂତଳ ଜଳ ଦକ୍ଷିଣ ପୂର୍ବ ଉପଖଣ୍ଡର ବୈଜ୍ଞାନିକ ସଂଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ ସ୍ୱାଇଁ, ସୁଶାନ୍ତ କୁମାର ମିଶ୍ର ଓ ମହେଶ୍ୱର ବଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବୈଜ୍ଞାନିକ ସୁମିତା ସରକାର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମସିର ଆଲାମ, ଦିଲୀପ ରାଉତ, ପ୍ରସନ୍ନ ଚୌଧୁରୀ, ସୁରେନ୍ଦ୍ର ସାମଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ବୈଜ୍ଞାନିକ ସଚ୍ଚିଦାନନ୍ଦ ପୃଷ୍ଟି, ପ୍ରିୟବ୍ରତ ଦାସ, ବିରଞ୍ଚି ନାରାୟଣ ଦେହୁରୀ, ପୂର୍ବା ବେଭା ପ୍ରମୁଖ ପରିଚାଳନା କରିଥିଲେ।

ଅଶୋକ ଗ୍ରୁପ The Ashok Group
**ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଭୁବନେଶ୍ୱର - ୭୫୧୦୧୪
ସନ୍ଦର୍ଭ: ଏଚ୍‌କେଏ/ଏମ୍ଏମ୍ ଆଣ୍ଡ ଡି/ଇ-ଟେଣ୍ଡର/୨୦୨୦-୨୧ ତାରିଖ: ୦୩।୦୨।୨୦୨୦
**ଇ-ସଂଗ୍ରହ ବିଜ୍ଞପ୍ତି**
ଏକବର୍ଷ ଅବଧି ପାଇଁ ନିମ୍ନଲିଖିତ ସାମଗ୍ରୀଗୁଡ଼ିକର ଯୋଗାଣ ବାବଦରେ ଖ୍ୟାତନାମା ଏବଂ ଅଭିଜ୍ଞ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ହେଉଛି ତା୨୪।୦୨।୨୦୨୦ରିଖ (୧୫.୦୦ ଘଟିକା)। ବିଡର୍‌ମାନଙ୍କ ପ୍ରାକ୍-ବିଡ୍ ବୈଠକ ତାରିଖ: ୦୭।୦୨।୨୦୨୦ରିଖ (୧୪.୦୦ରୁ ୧୬.୦୦ ଘଟିକା), ସ୍ଥାନ: ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର।
**୧. ଖାସି ମାଂସ, ୨. କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା, ୩. ମାଛ ଓ ଚିଙ୍ଗୁଡ଼ି, ୪. ପନିପରିବା ଓ ଫଳମୂଳ, ୫. ବିବିଧ ସାମଗ୍ରୀ, ୬. ଉଦ୍ୟାନକୃଷି ଓ ଉଦ୍ୟାନ ରକ୍ଷଣାବେକ୍ଷଣ।**
ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ www.hotelkalingaashok.com, www.theashokgroup.com, http://etenders.gov.in/eprocure/appରେ ଉପଲବ୍ଧ।
ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।
**ମହାପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର**
**ଦୂରଭାଷ: ୦୬୭୪-୨୪୩୧୦୫୫**

RITES THE INFRASTRUCTURE PEOPLE
**ରାଇଟ୍ସ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ପ୍ରତିଷ୍ଠାନ)
ଭୁବନେଶ୍ୱର - ୭୫୧୦୨୪
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ମେସର୍ସ ଏମ୍‌ସିଏଲ୍, ସମଲେଶ୍ୱରୀ ଓସିପି ଏରିଆ ତରଫରୁ ଗ୍ରୁପ୍ ମହାପ୍ରବନ୍ଧକ (ସିଭିଲ), ରାଇଟ୍ସ ଲି., ଭୁବନେଶ୍ୱରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀରେ ଅନ୍‌ଲାଇନ୍ ଶତକଡ଼ା ଦର ଆମନ୍ତ୍ରଣ କରାଯାଉଛି:
୧. ଏନ୍‌ଆଇଟି ନଂ. ରାଇଟ୍ସ/ବିବିଏସ୍‌ଆର୍/ଏମ୍‌ସିଏଲ୍/ୱାଇ-କର୍ଭ ଶିଫ୍ଟିଂ/ଓଟି-୧୦/୨୦୨୦ ତାରିଖ ୦୩।୦୨।୨୦୨୦। କାର୍ଯ୍ୟର ନାମ: "ଏସ୍.ଇ.ସି. ରେଳପଥ, ବିଳାସପୁରର ବିପିଏଚ୍-ବିଆର୍‌ଜେଏନ୍ ସେକ୍ସନ ମଧ୍ୟରେ ହାଓଡା-ମୁମ୍ବାଇ ମେନ୍ ଲାଇନ୍ ଉପରେ ବ୍ରଜରାଜନଗର ଓ ଲାଜକୁରା ଷ୍ଟେଶନରୁ ୱାଇ-କର୍ଭ ସାଇଡିଂ (ଝାରସୁଗୁଡ଼ା ନିକଟରେ) ଟେକିଂ ଅଫ୍‌ର ପ୍ରସ୍ତାବିତ ସ୍ଥାନାନ୍ତର ନିମନ୍ତେ ଫର୍ମେଶନରେ ମାଟି କାମ, ବଡ଼ ଓ ଛୋଟ ସେତୁ, ରିଟେନିଂ ୱାଲ୍, ଡ୍ରେନ୍ ନିର୍ମାଣ, ପିଏସ୍‌ସି ସ୍ଲିପର୍ସ, ଟର୍ନଆଉଟ୍ ସ୍ଲିପର୍ସ ଯୋଗାଣ, ବାଲାଷ୍ଟ ଯୋଗାଣ, ପି.ୱେ ଫିଟିଂ ଓ ଟ୍ରାକ୍ ଲିଙ୍କିଙ୍ଗ୍ କାର୍ଯ୍ୟ, ବିଲ୍ଡିଂ ନିର୍ମାଣ ତଥା ତତ୍‌ସମ୍ପର୍କିତ କାର୍ଯ୍ୟ।" ଅଟକଳ ମୂଲ୍ୟ: ଟ.୧୨୬,୬୭,୭୬,୬୮୯.୦୦, ଇଏମ୍‌ଡି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୧୨ (ବାର) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୨୫।୦୨।୨୦୨୦, ୧୫.୦୦ ଘଟିକା (ଆଇଏସ୍‌ଟି)।
୨. ଏନ୍‌ଆଇଟି ନଂ. ରାଇଟ୍ସ/ବିବିଏସ୍‌ଆର୍/ଏମ୍‌ସିଏଲ୍/ଓବିଡିୟୁଏମ୍‌ପି/ଓଟି-୧୧/୨୦୨୦ ତାରିଖ ୦୩।୦୨।୨୦୨୦। କାର୍ଯ୍ୟର ନାମ: "ଏମ୍‌ସିଏଲ୍‌ର ଲଖନପୁର ଏରିଆଠାରେ ନୂଆ ଅବସ୍ଥିତିରେ ୱାଇ-କର୍ଭର ସ୍ଥାନାନ୍ତର ଲାଗି ରେଲ୍‌ୱେ ଟ୍ରାକ୍ ଫର୍ମେଶନ କାର୍ଯ୍ୟ ନିମନ୍ତେ ଆବଶ୍ୟକ ସମଲେଶ୍ୱରୀ ଓସିପିଠାରେ ଓଭର-ବର୍ଡେନ୍‌ର କଟିଂ, ଫିଲିଂ ଓ ରି-ହ୍ୟାଣ୍ଡଲିଂ।" ଅଟକଳ ମୂଲ୍ୟ: ଟ.୫୭,୬୨,୩୧,୧୬୫.୦୦, ଇଏମ୍‌ଡି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୦୬ (ଛଅ) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୨୫।୦୨।୨୦୨୦, ୧୫.୦୦ ଘଟିକା (ଆଇଏସ୍‌ଟି)।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍: https://etenders.gov.in/eprocure/appରୁ ହାସଲ କରାଯାଇପାରିବ। ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଅନ୍‌ଲାଇନ୍‌ରେ ସ୍ଥାନିତ ହେବ।

**ସଂକ୍ଷେପରେ**

## ରାଜକନିକାରେ ସକ୍ଷମ କାର୍ଯ୍ୟକ୍ରମ



ରାଜକନିକା,୨।୨(ଡି.ଏନ୍.ଏ.): ରାଜକନିକା ବ୍ଲକ ଅନ୍ତର୍ଗତ ଗଞ୍ଜା ପ୍ରାଥମିକ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ନେଇ ସକ୍ଷମ - ୨୦୨୦ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପିକୁଲ ମହାନ୍ତିଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜକନିକା ବିଡିଓ ଡି.ଏସ୍.ଶୁଭଦର୍ଶୀ ଯୋଶୀ, ମଣ୍ଡଳ ଶିକ୍ଷାଧିକାରୀ ସରୋଜକାନ୍ତ ବିହାରୀ ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ମହମ୍ମଦ ହୁମାୟୁନ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଜାଗୁଲାଇପଡା ଗ୍ରାମ ପଞ୍ଚାୟତ ସରପଞ୍ଚ ବର୍ଷାରାଣୀ ନାୟକ ଓ ଗଞ୍ଜା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପରିଡା ଯୋଗଦେଇ ଏହି କାର୍ଯ୍ୟକ୍ରମ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସିଆରସିସି ମହେନ୍ଦ୍ର କୁମାର ମାହୁନ୍ତ, ସଞ୍ଜୟ କୁମାର ବଳ, ମୀନକେତନ ନାୟକ, ପ୍ରଶାନ୍ତ କୁମାର ମଲିକ, ପ୍ରଦୀପ୍ତ କୁମାର ମଲିକଙ୍କ ସମେତ ସମସ୍ତ ସିଆର୍‌ସିସି ପରିଚାଳନା କରିଥିଲେ ।

## ଗାନ୍ଧିଜୀ ଓ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ରାଜକନିକା,୨।୨(ଡି.ଏନ.ଏ):** ରାଜକନିକା ବ୍ଲକ ଅନ୍ତର୍ଗତ ଜୟନଗର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ରତିକାନ୍ତ ରାଉତ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ରାଜକନିକା ମଣ୍ଡଳ ଶିକ୍ଷାଧିକାରୀ ସରୋଜକାନ୍ତ ବିହାରୀ ଓ ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ଜିଲାର ପ୍ରାକ୍ତନ ଅତିରିକ୍ତ ଶିକ୍ଷାଧିକାରୀ ରାଜକିଶୋର ସ୍ୱାଇଁ ଯୋଗଦେଇ କହିଲେ ଯେ, ଛାତ୍ରୀଛାତ୍ରମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନେ ଜାତିର ଜନକ ମହାତ୍ମାଗାନ୍ଧୀ ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜୟନଗର ଗ୍ରାମ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ରବି ନାରାୟଣ ବେହେରା, ଅନୁଷ୍ଠାନର ପ୍ରତଷ୍ଠାତା ଶିକ୍ଷକ ବାଞ୍ଛାନିଧି ସୂତାର, ପୂର୍ବତନ ପ୍ରଧାନ ଶିକ୍ଷକ ବିଶ୍ୱନାଥ ନାୟକ, ସୁବାସ ଚନ୍ଦ୍ର ନାୟକ, ଫକୀର ମୋହନ ନାୟକ, ନୋଡାଲ ଉଚ୍ଚବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁରେନ୍ଦ୍ର କୁମାର ବରାଳ, ନୋଡାଲ ଶିକ୍ଷକ ଅନ୍ନଦା ପ୍ରସାଦ ରାଉତ, ସାମାଜିକ କର୍ମୀ ଶିବରାମ ଦାସ , ରାଧାଶ୍ୟାମ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ନାଗାର୍ଜ୍ଜୁନ ନାୟକ, ପୁରୁଷୋତ୍ତମ ପତି , ଅକ୍ଷୟ କୁମାର ମଲିକ ଯୋଗ ଦେଇଥିଲେ । ଶିକ୍ଷକ ସଞ୍ଜୟ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅମର କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରହ୍ଲାଦ ରାଉତ ଧନ୍ୟବାଦ ଦେଇଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ ।

## ଅଙ୍ଗନୱାଡ଼ି କର୍ମୀଙ୍କ ପରଲୋକ

ଡେରାବିଶ,୨।୨(ସ୍ୱ.ପ୍ର.) -ଡେରାବିଶ ବ୍ଲକ ଅଧୀନ କାଉପଡା ପଞ୍ଚାୟତ ଭୂଇଁପୁର ଗ୍ରାମର ରମେଶ ଚନ୍ଦ୍ର ସେଠୀଙ୍କ ସ୍ତ୍ରୀ ତଥା ଏହି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଗୀତା ସେଠୀ (୪୫)ଙ୍କର ଶନିବାର ବିଳମ୍ବିତ ରାତିରେ ହୃଦଘାତରେ ପରଲୋକ ଘଟିଛି । ପଞ୍ଚାୟତରେ ଥିବା ସମସ୍ତ ଅଙ୍ଗନୱାଡି କର୍ମୀଙ୍କ ସମେତ ବ୍ଲକ ଅଞ୍ଚଳର ବହୁ କେନ୍ଦ୍ରର କର୍ମୀ ଓ ସହାୟିକାମାନେ ଗୀତାଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପରିବାର ଲୋକଙ୍କ ସୂଚନା ଅନୁଯାୟୀ ରାତି ୨ଟାରେ ଶୋଇଥିବା ବେଳେ ଗୀତା ଛାତିରେ ହଠାତ୍ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା ।

■ ଯୌତୁକ ପାଇଁ ନବବଧୂଙ୍କୁ ପୋଡ଼ି ମାରିବା ଉଦ୍ୟମ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ରାଜନଗର,୨।୨(ଡି.ଏନ.ଏ.)**

ଶନିବାର ରାଜନଗର ବ୍ଲକ ବାରଦିଆ ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ କିରୋସିନ ଢାଳି ପୋଡି ମାରିବା ପାଇଁ ଉଦ୍ୟମ କରିଥିଲେ । ସଂପୃକ୍ତ ମହିଳାଙ୍କ ଶରୀରର ୮୦ ଭାଗ ପୋଡି ଯାଇଛି । ତାଙ୍କୁ ମୁମୂର୍ଷ ଅବସ୍ଥାରେ କଟକ ବଡ ମେଡିକାଲରେ ଚିକିତ୍ସା କରାଯାଉଛି । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଶତାଧିକ ଗ୍ରାମବାସୀ ରବିବାର ରାଜନଗର ହଂସୁଆ ସେତୁ ନିକଟରେ ରାସ୍ତାରୋକୋ କରିଥିଲେ । ଘଟଣାସ୍ଥଳରେ ରାଜନଗର ବିଧାୟକ ଧ୍ରୁବ ସାହୁ, ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ଲାଗି ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଦୀର୍ଘ ୪ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ହଂସୁଆ ସେତୁର ଦୁଇପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା ।

ରାଜନଗର ଥାନା ଅନ୍ତର୍ଗତ ଧନେଶ୍ୱରପୁର ଗାଁର ବ୍ରହ୍ମାନନ୍ଦ ସାହୁଙ୍କ ଝିଅ ରଶ୍ମିତା ବାରଦିଆ ଗାଁର ବୈଲୋଚନ ଦାସଙ୍କ ପୁଅ ବିକ୍ରମଙ୍କୁ ୨୦୧୮ ଜୁନ ମାସରେ ବିବାହ କରିଥିଲେ । ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ କନ୍ୟାଘର ଯୌତୁକ ଦେଇଥିଲେ । କିନ୍ତୁ ବିବାହର ଏକମାସ ମଧ୍ୟରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ରଶ୍ମିତାଙ୍କୁ ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦେଇ ଆସୁଥିଲେ । ଶନିବାର ସକାଳେ ଶ୍ୱଶୁର, ଶାଶୁ, ଦିଅର, ବିବାହିତା ନଣନ୍ଦ ପ୍ରମୁଖ ରଶ୍ମିତାଙ୍କ ଦେହରେ କିରୋସିନୀ ଢାଳି ନିଆଁ ଲଗାଇ ଜିଅନ୍ତା ପୋଡ଼ି ମାରି ଦେବାକୁ ମସୁଧା କରିଥିଲେ । ଏହା ଜାଣିବା ପରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧନେଶ୍ୱରପୁର ଗ୍ରାମବାସୀ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ । ଅପରପକ୍ଷରେ ରଶ୍ମିତାଙ୍କୁ କଟକ ବଡ ମେଡିକାଲରେ ଠିକ୍ ଭାବରେ ଚିକିତ୍ସା କରାଯାଉ ନ ଥିବା ନେଇ ତାଙ୍କ ବାପା ବ୍ରହ୍ମାନନ୍ଦ ସାହୁ ଅଭିଯୋଗ କରିଛନ୍ତି । ତାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ତାଙ୍କ ବାପା ଓ ଗ୍ରାମବାସୀ ନିବେଦନ କରିଛନ୍ତି ।



ହଂସୁଆ ସେତୁ ନିକଟରେ ରାସ୍ତାରୋକୋ କରାଯାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧର୍ମରେ ପୃଥ୍ୱୀ ଆତଯାତ**
**ଧର୍ମରେ ସିନ୍ଧୁରେ ଚାଲେ ବୋଇତ**
**ଧର୍ମରେ ସମୁଦ୍ର ନ ଲଙ୍ଘେ କୂଳ**
**ଧର୍ମରେ ଇନ୍ଦ୍ର ବରଷନ୍ତି ଜଳ**
**ଧର୍ମରୁ ରାମଚନ୍ଦ୍ର ଲଙ୍କା କଲେ ଜୟ**
**ଅଧର୍ମରୁ ରାବଣ ବଂଶ ହେଲା କ୍ଷୟ ।**

ଧର୍ମରେ ପୃଥିବୀ ଚିର ଚଞ୍ଚଳମନା । ଧର୍ମ ଏକମାତ୍ର ସ୍ଥାୟୀ । ଏହା ସତ୍ୟ ଉପରେ ଆଧାରିତ । ଯିଏ ଧର୍ମ ପଥରେ ଚାଲେ ତା'ର ବିଜୟ ସୁନିଶ୍ଚିତ । ଅଧର୍ମ ବାଟରେ ଗଲେ ପରାଜୟ, ବିନାଶ ହେବା ଥୟ । ସଂସାରରେ ଧର୍ମର ପ୍ରଭାବ ଯୋଗୁ ଅଧର୍ମର ବିଲୋପ ଘଟିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

**ଧର, ବାନ୍ଧ, ପକା**
**ଏ ତିନି କଥା ଏକା ।**

ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ । ବ୍ୟକ୍ତିକୁ ଧରିବା, ବାନ୍ଧିବା କିମ୍ବା ତଳେ ପକାଇ ମାଡ଼ିବସିବା ଏସବୁ ଏକ ପ୍ରକାରର କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପାଲା ସଂସ୍କୃତି ଓଡ଼ିଆ ଭାଷାର ମୂଳମନ୍ତ୍ର

**ବ୍ରାହ୍ମଣ ମହାସଭାର ସାଧାରଣ ସଭା**

**ପଟ୍ଟାମୁଣ୍ଡାଇ, ୨।୨ (ସ୍ୱ.ପ୍ର.)**

ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭାର ପଟ୍ଟାମୁଣ୍ଡାଇ ବ୍ଲକ ଏବଂ ନଗର ଶାଖା ତରଫରୁ ସ୍ଥାନୀୟ ହରପାର୍ବତୀ ମନ୍ଦିର ପରିସରରେ ରବିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପାଲା ଗାୟକ ଦଉକୃଷ୍ଣ ପଣ୍ଡା ଯୋଗଦେଇ ପାଲା ସଂସ୍କୃତି ଓଡିଆ ଭାଷାର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ । ପାଲା ସଂସ୍କୃତି ବଞ୍ଚି ରହିଲେ ଭାଷା ଓ ସଂସ୍କାର ଉଦ୍‌ଜୀବିତ ରହିବ ବୋଲି ମୁଖ୍ୟଅତିଥି ପଣ୍ଡା କହିଥିଲେ । ଜିଲା ଶାଖାର ଉପଦେଷ୍ଟା ନିତ୍ୟାନନ୍ଦ ମିଶ୍ର, ଜିଲା ଉପସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ଜିଲା ସମ୍ପାଦକ କିଶୋର ଚନ୍ଦ୍ର ମିଶ୍ର, ବ୍ଲକ ସଭାପତି ଶ୍ରୀଧର ଆଚାର୍ଯ୍ୟ, ଯୁବବାହିନୀ ସଭାପତି ପ୍ରତାପ ଚନ୍ଦ୍ର ପାଢୀ, ଉପଦେଷ୍ଟା ବିଭୂତି ମୋହନ ପଣ୍ଡା ପ୍ରମୁଖ ଯୋଗଦେଇ ବ୍ରାହ୍ମଣ ମହାସଭା ସଂଗଠନ ସୁଦୃଢ କରିବା ସହିତ ବ୍ରାହ୍ମଣମାନଙ୍କର ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହିତ ଅଧିକ ସଭ୍ୟ ସଂଗ୍ରହ କରିବା ସହିତ ଜିଲା ସମ୍ମିଳନୀକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସଭାରେ ନଗର ସଭାପତି ଭୋଳାନାଥ ପାଢୀ ସଭାପତିତ୍ୱ କରିଥିଲେ । ସମ୍ପାଦକ ବ୍ରଜବନ୍ଧୁ ଦାଶ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଳି ବ୍ଲକ ସଭାପତି ମହେଶ୍ୱର ନନ୍ଦ, ଯୁବ ପ୍ରତିଭା ସରୋଜ ଦାଶ, ଶିକ୍ଷକ ନେତା ସୁନାମଣି ଦାଶ, ପ୍ରଫୁଲ୍ଲ କୁମାର ଦାଶ, ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ନରେନ୍ଦ୍ର ନାଥ ପତି, ଶରତ ଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡା ଶାଖାର ନୃସିଂହ ଚନ୍ଦ୍ର ତ୍ରିପାଠୀ, ଗରଦପୁର ଶାଖାର ତପନ ଦାଶ, ମାର୍ଶାଘାଇ ଶାଖାର ଗିରିଶ୍ ଚନ୍ଦ୍ର ତ୍ରିପାଠୀ, ରାଜକିଶୋର ମିଶ୍ର, ବନମାଳୀ ମହାପାତ୍ର, ଗୋପୀନାଥ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସଭାରେ ବ୍ଲକ ଓ ନଗର ଶାଖାର ଶତାଧିକ ସଭ୍ୟାସଭ୍ୟ ଯୋଗ ଦେଇଥିଲେ । ବରିଷ୍ଠ ସଦସ୍ୟ କଳ୍ପତରୁ ଦାଶ ଧନ୍ୟବାଦ ଦେଇଥିଲେ ।



ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ।

# ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥି ଓ ଅନ୍ୟମାନେ ।

**ଡେରାବିଶ,୨।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଜାଗୁଲାଇପଡା ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ବାଲିଆ ପଞ୍ଚାୟତ ମୂଲଣାପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତାମ୍ବର ସ୍ୱାଇଁ ଶୁକ୍ରବାର ଚାକିରୀରୁ ଅବସର ନେଇଛନ୍ତି । ଦୀର୍ଘ ବର୍ଷ ଧରି ସମ୍ପୃକ୍ତ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅପରାହ୍ନରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସର ଶିକ୍ଷକ ସୁବୋଧ ପରିଡା ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ସ୍ୱାଇଁ ଏବଂ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୁରୁଚରଣ ଷଡଙ୍ଗୀ ଓ ରବୀନ୍ଦ୍ର କୁମାର ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ସହ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଲଲାଟ କେଶରୀ ଭୂୟାଁ, ଅଶୋକ କୁମାର ମହାପାତ୍ର, ଶିକ୍ଷକ ସଂଘ ସମ୍ପାଦକ ଚକ୍ରଧର ନାୟକ, ପ୍ରାକ୍ତନ ସିଆରସିସି ହରେକୃଷ୍ଣ ମହାନ୍ତି ଓ ଭକ୍ତରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେଲରପା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ, ଶିକ୍ଷୟିତ୍ରୀ ସମସାଦ ବେଗମ ଯୋଗ ଦେଇଥିଲେ । ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷକ ସ୍ୱାଇଁ, ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ନାୟକଙ୍କୁ ଶିକ୍ଷକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ମାନପତ୍ର ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଚାଳନା କମିଟିର ସଭାପତି ଅନନ୍ତ କିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରତିଯୋଗିତା ଅନ୍ତର୍ନିହିତ ଗୁଣକୁ ପ୍ରକାଶ କରେ

**କେନ୍ଦ୍ରାପଡା ଅଫିସ, ୨।୨**

ଶିକ୍ଷାର୍ଥୀଙ୍କ ଜାଣିବାର ଇଚ୍ଛା ଆଗକୁ ବଢ଼ାଇଥାଏ । ତେବେ ପ୍ରତିଯୋଗିତା ଦ୍ୱାରା ଶିକ୍ଷାର୍ଥୀର ଅନ୍ତର୍ନିହିତ ଗୁଣ ପ୍ରକାଶ ପାଇଥାଏ ବୋଲି କେନ୍ଦ୍ରାପଡା ଅନ୍ତର୍ଗତ ବିରସ୍ୱତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ଦେଇଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ରତ୍ନମାଳୀ ପଣ୍ଡାଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ଏହି ଉତ୍ସବରେ ଓସ୍ତପୁର ପଞ୍ଚାୟତର ସରପଞ୍ଚ କବିତା ବାରିକ ମୁଖ୍ୟଅତିଥି, ଏବିଇଓ ଉଷାରାଣୀ ମଲ୍ଲିକ, ପ୍ରସନ୍ନ ରାଉତ, ସିଆରସିସି ପ୍ରଦୀପ ଖଟୁଆ, ହୃଷୀକେଶ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



## ଅଫିସରେ ଭଙ୍ଗାରୁଜା ଅଭିଯୋଗ

**ମାର୍ଶାଘାଇ, ୨।୨(ଡି.ଏନ.ଏ.)**

ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମାର୍ଶାଘାଇ ସବ୍ ରେଜିଷ୍ଟ୍ରି ଅଫିସର ମୋହରିର ନିର୍ମଳ କୁମାର ରଥ ବସୁଥିବା ଅଫିସ ଘର ଏବଂ ତାଙ୍କ କାର ଭଙ୍ଗାରୁଜା କରିବା ନେଇ ମାର୍ଶାଘାଇ ଥାନାରେ ରବିବାର ଅଭିଯୋଗ ହୋଇଛି । ଅଫିସ ଝରକାରେ ଲାଗିଥିବା କାଚ ଭାଙ୍ଗିବା ସହିତ ସେହି ଘରେ ଲାଗିଥିବା ଏସି ପୋଡି ଦେଇଛନ୍ତି ।

■ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟ ଗ୍ରହଣ

# ସରପଞ୍ଚଙ୍କ କୋର୍ଟ ଦ୍ୱାରସ୍ଥ ଯୋଗୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଫଳାଫଳ ଘୋଷଣା ବନ୍ଦ

**ମାର୍ଶାଘାଇ,୨।୨ (ଡି.ଏନ୍.ଏ.)**

ସରପଞ୍ଚ କୋର୍ଟରେ ଦ୍ୱାରସ୍ଥ ହେବା ଯୋଗୁ ଅନାସ୍ଥା ଭୋଟର ଫଳାଫଳ ଘୋଷଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି ।

ପ୍ରକାଶ ଯେ, ମହାକାଳପଡା ସରପଞ୍ଚ ଅନୁପମା ଖଟାଇଙ୍କୁ ବିରୋଧ କରି ଉକ୍ତ ପଞ୍ଚାୟତର ୨୪ ଗୋଟି ୱାର୍ଡର ସଭ୍ୟମାନେ ଗତ ଡିସେମ୍ବର ୪ ତାରିଖରେ କେନ୍ଦ୍ରାପଡା ଉପ ଜିଲାପାଳଙ୍କୁ ଦରଖାସ୍ତ ପ୍ରଦାନ କରିଥିଲେ । ଉପଜିଲାପାଳ ଏହି ପ୍ରସ୍ତାବକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବା ପରେ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମହାକାଳପଡା ପଞ୍ଚାୟତରେ ଅନାସ୍ଥା ପ୍ରସ୍ତାବର ଭୋଟ ଗ୍ରହଣ ପାଇଁ ଗତ ଶୁକ୍ରବାର ଦିନ ଧାର୍ଯ୍ୟ ହୋଇଥିଲା । ଫେବୃୟାରୀ ୨୮ରେ ଏହାର ଫଳାଫଳ ପ୍ରକାଶ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏହି ଭୋଟ ଗ୍ରହଣ କେନ୍ଦ୍ର ମାର୍ଶାଘାଇ ବ୍ଲକରେ ହେବା ପାଇଁ ସ୍ଥିର କରାଯାଇଥିଲା । ଶୁକ୍ରବାର ମାର୍ଶାଘାଇ ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ଜରୁରୀକାଳୀନ ଅଧିକାରୀ ସମ୍ବିତ୍ ଶତପଥୀ ,ମାଜିଷ୍ଟ୍ରେଟ ଭାବେ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ, ମହାକାଳପଡା ବ୍ଲକ ପଞ୍ଚାୟତ ଅଧିକାରଣୀ ଇତିଶ୍ରୀ ପଣ୍ଡା, ମାର୍ଶାଘାଇ ବ୍ଲକ ପଞ୍ଚାୟତ ଅଧିକାରୀ ଏନ.ଦାସଙ୍କ ଉପସ୍ଥିତିରେ ଭୋଟ ଗ୍ରହଣ କରାଯାଇଥିଲା । ପଞ୍ଚାୟତର ୨୪ ୱାର୍ଡ ସଦସ୍ୟଙ୍କ ଭିତରୁ ୨୦ ସଦସ୍ୟ ଅନାସ୍ଥା ଭୋଟ ପ୍ରଦାନ କରିଥିଲେ । ୪ ଜଣ ସଭ୍ୟଙ୍କ ମଧ୍ୟରୁ ଜଣେ ୱାର୍ଡ ସଭ୍ୟ ପୂର୍ବରୁ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୩ ଜଣ ସରପଞ୍ଚଙ୍କ ସପକ୍ଷରେ ଭୋଟ ପ୍ରଦାନ କରିଥିଲେ । ମାତ୍ର ଏହି ଅନାସ୍ଥା ଭୋଟ ପୂର୍ବରୁ ସରପଞ୍ଚ ଖଟାଇ ଏହା ତାଙ୍କ ବିରୋଧରେ ଏକ ଷଡଯନ୍ତ୍ର ବୋଲି ଅଭିଯୋଗ ଆଣି କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଫଳରେ ଏହି ଭୋଟ ଗ୍ରହଣର ଫଳାଫଳ ପ୍ରକାଶ କରା ନ ଯାଇ ଏହା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଥିଲା । କୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ଭୋଟର ଫଳାଫଳ ଘୋଷଣା ହେବ ବୋଲି ଜିଲା ଜରୁରୀ କାଳୀନ ଅଧିକାରୀ ଶତପଥୀଙ୍କ ଠାରୁ ପ୍ରକାଶ ।

# ଅରୁଆ ଉଚ୍ଚ ଶିକ୍ଷାଶ୍ରମରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୨।୨(ସ୍ୱ.ପ୍ର.)**

ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଆର୍ଦ୍ରଭୂମି ସମସ୍ତଙ୍କର ମନ ମୁଗ୍ଧ କରିଥାଏ । ଉଭୟଚର ସରୀସୃପ, ପକ୍ଷୀ, ସ୍ତନପାୟୀ ପ୍ରାଣୀମାନଙ୍କ ସହିତ ବହୁ ଉଦ୍ଭିଦକୁ ନିଜ କୋଳରେ ଧରିଥିବା ଆର୍ଦ୍ରଭୂମି କେବଳ ସେମାନଙ୍କର ଜନ୍ମ ସ୍ଥାନ ନୁହେଁ ବରଂ ଉପକୂଳର ସୁରକ୍ଷା କବଚ । ପ୍ରାକୃତିକ ବିପର୍ଯ୍ୟୟରୁ ସ୍ଥଳଭାଗକୁ ରକ୍ଷା କରିଥିବା ଲୁଣା ଜଙ୍ଗଲ କେବଳ ଆର୍ଦ୍ରଭୂମି ପାଇଁ ତିଷ୍ଠି ରହିଛି । କ୍ରମେ କ୍ରମେ ହ୍ରାସ ପାଉଥିବା ଏହି ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସଚେତନତା ପାଇଁ ଉଚ୍ଚ ଶିକ୍ଷାଶ୍ରମ ଅରୁଆ-କଦଳୀବଣ ଠାରେ ବ୍ଲକସ୍ତରୀୟ ବିଶ୍ୱ ଆର୍ଦ୍ରଭୂମି ଦିବସ ରବିବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ର ପୌରୋହିତ୍ୟ କରିଥିଲେ । ସହକାରୀ ବନ୍ୟ ସଂରକ୍ଷକ ଅଧିକାରୀ ବି.ଏନ. ସାମଲ, ମୁଖ୍ୟଅତିଥି, ରାଜନଗର ବନାଞ୍ଚଳ ଅଧିକାରୀ ସୁଜିତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆର୍ଦ୍ରଭୂମିର ଉପକାରିତା ଓ ତାହାର ସୁରକ୍ଷା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିଜୟ କୁମାର କବି, ପରିବେଶବିତ୍ ବିରଜାନନ୍ଦ ପତି ଓ ଗାଳ୍ପିକ ପ୍ରଦୀପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆର୍ଦ୍ରଭୂମିର ଜୈବ ବିବିଧତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ମନୋଜ କୁମାର ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇ ଆର୍ଦ୍ରଭୂମିର ବିଭିନ୍ନ ତଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହନ୍ତ କୁମାର ମଲିକ, ସଞ୍ଜୟ କୁମାର ପ୍ରଧାନ, ସତ୍ୟବ୍ରତ ପଣ୍ଡା, ସମୀର କୁମାର ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ । ଶେଷରେ ଶିକ୍ଷକ ରବି ନାରାୟଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।




ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଗଙ୍ଗଦାହାଟ ମାର୍କେଟ କମ୍ପ୍ଲେକ୍ସ ଅଧାପନ୍ତରିଆ

ନାଉଗାଁ, ୨।୨ (ସ୍ୱ.ପ୍ର.)



ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ମାର୍କେଟ୍ କମ୍ପ୍ଲେକ୍ସ ଗୃହ।

**ନାଉଗାଁ ବ୍ଲକ**

- ଆନ୍ତରିକତା ଅଭାବ, ୧୦ ବର୍ଷ ହେଲା ନିର୍ମାଣ ସରୁନି
- ସନ୍ଧ୍ୟା ହେଲେ ଜମୁଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା

ଗ୍ରାମାଞ୍ଚଳରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ଲକ୍ଷାଧିକ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ପ୍ରଶାସନିକ ଅଧିକାରୀମାନଙ୍କ ଆନ୍ତରିକତା ଅଭାବରୁ ଏହି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁନାହିଁ, ଯାହାଫଳରେ ଗ୍ରାମାଞ୍ଚଳରେ ଯୁବଗୋଷ୍ଠୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ଆରମ୍ଭ ହୋଇଥିବା ଉକ୍ତ ଯୋଜନାର ସଫଳ ରୂପାୟନ ମଧ୍ୟ ହୋଇପାରୁ ନ ଥିବା ଦେଖାଯାଉଛି। ନାଉଗାଁ ବ୍ଲକଠାରେ ସମାନ ଘଟଣା ନଜରକୁ ଆସିଛି। ଗଙ୍ଗଦାହାଟଠାରେ ୧୦ବର୍ଷ ତଳେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅଦ୍ୟାବଧି ଶେଷ ହୋଇପାରିନି। ଦୀର୍ଘବର୍ଷ ଧରି ଘରଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ ସନ୍ଧ୍ୟା ହେଲେ ସେଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ୨୦୧୦-୧୧ ଆର୍ଥିକବର୍ଷରେ ଗଙ୍ଗଦାହାଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଏସଜିଏସୱାଇ ଯୋଜନା ମାଧ୍ୟମରେ ୧୦ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇ ତତ୍କାଳୀନ ବ୍ଲକ କନିଷ୍ଠ ଯନ୍ତ୍ରୀ କୈଳାସ ଚନ୍ଦ୍ର ବେହେରାଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ସେଠାରେ ୧୦ଟି ଦୋକାନ ଗୃହ ନିର୍ମାଣ ହେବାର ବ୍ୟବସ୍ଥା ଥିଲା। କିନ୍ତୁ ଯନ୍ତ୍ରୀ ବେହେରା ଏହାକୁ ୭ଟି ଗୃହରେ ସୀମିତ ରଖିବା ସହ ନିଜ ସମ୍ପର୍କୀୟଙ୍କୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରିଥିଲେ। ତେବେ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ହିଁ ନିମ୍ନମାନର କାର୍ଯ୍ୟ ହେବା ଯୋଗୁ ସାମାନ୍ୟ ବର୍ଷା ପରେ ପ୍ଲିନ୍ଥସ୍ତରରୁ ଘର ଭୁଷୁଡ଼ି ପଡିଥିଲା। ଏହାପରେ ପୁଣି କାର୍ଯ୍ୟାରମ୍ଭ କରାଯାଇଥିଲା। କାର୍ଯ୍ୟ ପାଇଁ ମଞ୍ଜୁର ଅର୍ଥ ସରିଯାଇଥିବାରୁ ଘର ଛାତ ପଡ଼ିବା ପରେ ପ୍ଲାଷ୍ଟର ସରିଛି। ଇତିମଧ୍ୟରେ ୧୦ବର୍ଷ ବିତିଥିଲେ ବି ଏଥିରେ ଶଟର ଲଗାଯାଉନାହିଁ, ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଥିଲା ତାହା ପୂରଣ ହେଉନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପଟେ ସ୍ଥାନୀୟ ଲୋକପ୍ରତିନିଧି, ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ସଲାସୁତରା ଯୋଗୁ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅନୁଦାନ ନଷ୍ଟ କରାଯାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦିନେଶ ରାୟଙ୍କୁ ପଚାରିବାରେ ଏ ବିଷୟରେ ଜାଣିନାହିଁ। କାର୍ଯ୍ୟାଳୟ ଯାଇ ଫାଇଲ୍ ଦେଖିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ସାଧୁ ଗୋସେଇଁ ପୀଠ ପ୍ରତିଷ୍ଠା ଉତ୍ସବ

**ବାଲିଆ, ୨।୨:** ବିରିଡି ବ୍ଲକ ବରାହପୁର ଗ୍ରାମସ୍ଥିତ ମାଳିକା ପ୍ରସିଦ୍ଧ ଶ୍ରୀଶ୍ରୀ ସାଧୁ ଗୋସେଇଁ ପୀଠ ପୁନରୁଦ୍ଧାର କରାଯିବା ସହ ନିର୍ମାଣ ହୋଇଥିବା ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରାହପୁର ଗ୍ରାମବାସୀଙ୍କ ସହଯୋଗରେ ନିର୍ମିତ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ପ୍ରାତଃରୁ ହୋମଯଜ୍ଞ ଆଦି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ପ୍ରଦୀପ୍ତ କୁମାର ରାୟ ଓ ତାଙ୍କ ସହଧର୍ମିଣୀ କର୍ତ୍ତାକର୍ତ୍ତୀ ଦାୟିତ୍ୱ ତୁଲାଇଥିଲେ। ଗୋଠପଦା ଗ୍ରାମରୁ ସଙ୍କୀର୍ତ୍ତନ ମଣ୍ଡଳି ପହଞ୍ଚି ମନ୍ଦିର ବେଢ଼ା ପରିକ୍ରମା କରିବା ସହ ନାମ ସଙ୍କୀର୍ତ୍ତନ କରିଥିଲେ। ଏହାପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉତ୍ସବରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଯାତ୍ରା କଳାକାରଙ୍କ ଦ୍ୱାରା କମ୍ବଳ ବଣ୍ଟନ

**ଜଗତ୍‌ସିଂହପୁର ଅଫିସ୍, ୨।୨:** ଓଡ଼ିଶା ଯାତ୍ରା କଳାକାର ଓ କର୍ମଚାରୀ ସଂଘ ଆନୁକୂଲ୍ୟରେ ଯାତ୍ରାଶ୍ରୀ ବିଶ୍ୱ ଦରବାର କଳାକାରମାନଙ୍କ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିବା ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି। ଏଥିରେ ଉଲ୍ଲେଖ ଅଛି, ସଂଘ ସମ୍ପାଦକ ଆର୍. କେ. ହୀରାଲାଲ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜକିଶୋର ଖଟୁଆ, ମୁଖ୍ୟବକ୍ତା ମହେନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ନାଟ୍ୟକାର କୈଳାସ ମଲିକ ଓ ମଧୁସୂଦନ ସାହୁ ଯୋଗ ଦେଇଥିଲେ। ଏକାଧିକ ଯାତ୍ରା କଳାକାର ଯୋଗଦେଇ ପ୍ରାୟ ୧୫୦ରୁ ଅଧିକ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ।

### ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କୁ ସମ୍ବର୍ଦ୍ଧନା

**ବାଲିଆ, ୨।୨:** ବିରିଡି ବ୍ଲକ ଅଧୀନ ଅନନ୍ତବଟସ୍ଥିତ ଅଳକା କଲେଜର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ପଶାନ୍ତ କିଶୋର ପରିଡାଙ୍କୁ ଶୁକ୍ରବାର କଲେଜ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟଙ୍କ ସଭାପତିତ୍ୱରେ ସଭାରେ ବାଲିକୁଦା କଲେଜ ଅଧ୍ୟକ୍ଷ ନଳିନୀକାନ୍ତ ମହାପାତ୍ର, ଅଳକା କଲେଜ ପୂର୍ବତନ ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ସୁକାନ୍ତି ସିଂହ, ଡ. ସ୍ୱର୍ଣ୍ଣପ୍ରଭା ନନ୍ଦ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ରଞ୍ଜିତା ଦାସ, ପ୍ରାଧ୍ୟାପକ ଜଗମୋହନ ସାହୁ, ଲକ୍ଷ୍ମୀଧର କର, ସନ୍ତୋଷ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଡ. ପରିଡାଙ୍କ କାର୍ଯ୍ୟ ନିପୁଣତା ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ସଂଘ ସମ୍ପାଦକ ଡ. ଜ୍ୟୋତିପ୍ରକାଶ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ରୁଦ୍ରନାରାୟଣ ମିଶ୍ର, ସଞ୍ଜୟ କୁମାର ମିଶ୍ର, ଜଲ୍ଲି ପଟ୍ଟନାୟକ, ଡ. ଅକ୍ଷୟ କୁମାର ଭଦ୍ର, ଦୀପଙ୍କର ଜେନା, ପ୍ରମୋଦ କୁମାର ଜେନା, ସୌମ୍ୟରଞ୍ଜନ ପଣ୍ଡା, ସବିତା ମହାନ୍ତି, ବିଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ଡ. ପରିଡାଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ଥନୀତି ବିଭାଗ ମୁଖ୍ୟ ରୁଦ୍ର ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ୧୯୯୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଏରସମା, ୨।୨ (ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ ଗୋଡ଼ା ପଞ୍ଚାୟତସ୍ଥିତ ବୃନ୍ଦାବନ ବିହାରୀ ହାଇସ୍କୁଲର ୧୯୯୬ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଶିକ୍ଷକ ପଣ୍ଡିତ ନାଗୁଚରଣ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ବନ୍ଧୁମିଳନ ଓ ଏକତାର ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ବର୍ତ୍ତମାନର ପ୍ରଧାନଶିକ୍ଷକ ଗୁରୁଚରଣ ସ୍ୱାଇଁ, ସର୍ବେଶ୍ୱର ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ଭ୍ରମରବର ସ୍ୱାଇଁ, ଧୂଳେଶ୍ୱର ନାୟକ, ଅଜୟ କୁମାର ବିଶ୍ୱାଳ, କିରାଣି ବୈକୁଣ୍ଠନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏଥିରେ ପ୍ରାକ୍ତନ ଛାତ୍ର ନରେଶ କୁମର ସ୍ୱାଇଁ, ଶଶିଭୂଷଣ ସାହୁ, ସଞ୍ଜୟ ପ୍ରଧାନ, ସମୀର ସେଲାବାଗ, ଶିଶିର ଖଟୁଆ, ସୁବୋଧ ନାୟକ, ବିଜୟ ବେହେରା, ବସନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ।

## ୨ ଶ୍ରେଷ୍ଠ ମା' ସମ୍ବର୍ଦ୍ଧିତ

**ବାଲିକୁଦା, ୨।୨ (ସ୍ୱ.ପ୍ର.):** ଭାରତୀୟ ଶିକ୍ଷାବିକାଶ ସଂସ୍ଥାନ ଦ୍ୱାରା ପରିଚାଳିତ କୃଷ୍ଣଦାସପୁର ପଞ୍ଚାୟତ ଦେବହଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମର୍ପଣ ଉତ୍ସବ, ସମ୍ବର୍ଦ୍ଧନା ସମାରୋହ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିଚାଳନା ପରିଷଦ ସମ୍ପାଦକ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାନିକେତନ ସାଇନ୍ସ କଲେଜର ଅଧ୍ୟକ୍ଷ ବାବା ସ୍ମୃତି ସାଗର ମୁଖ୍ୟଅତିଥି, ବୈରାଗୀ ଚରଣ ରାଉତ ମୁଖ୍ୟବକ୍ତା, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ହାଡିବନ୍ଧୁ ଦଳାଇ, କୋଷାଧ୍ୟକ୍ଷ ପଦ୍ମନାଭ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରେଷ୍ଠ ମା' ଭାବେ ଆରତୀ ପଣ୍ଡାଙ୍କୁ ମା' ରାମଦୁଲାରୀ ସମ୍ମାନରେ ସମ୍ମାନ ଓ ତୁଳସୀ ମଞ୍ଜରୀ ତ୍ରିପାଠୀଙ୍କୁ ପୁତୁଲିବାଇ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଦିଲୀପ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟବ୍ରତ ରଥ ଧନ୍ୟବାଦ ଦେଇଥିଲେ।

## ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଗୁରୁମା ଗୁରୁଜୀଙ୍କ ସହ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ।

**ବିରିଡି, ୨।୨ (ଡି.ଏନ୍.ଏ.):** ଆସନ୍ତା ୧୯ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଏଥିପାଇଁ ପିଲାମାନେ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ ୧୦ମ ଶ୍ରେଣୀ ପିଲାମାନେ ଆଉ ସ୍କୁଲକୁ ନ ଆସି ଘରେ ରହି ଭଲରେ ପ୍ରସ୍ତୁତି କରିବା ପାଇଁ ବିରିଡ଼ି ବ୍ଲକ ଅଧୀନ ମଙ୍ଗୁଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁମା ଗୁରୁଜୀମାନେ ପିଲାମାନଙ୍କୁ ପରାମର୍ଶ ଦେବା ସହ ସମ୍ବର୍ଦ୍ଧନା ଓ ଭଗବଦ୍ ଗୀତା ପ୍ରଦାନ କରିଛନ୍ତି। ଏ ନେଇ ଶୁକ୍ରବାର ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଆଚାର୍ଯ୍ୟ ସ୍ୱପ୍ନାବିକା ମହାନ୍ତି ସଭାପତିତ୍ୱ କରିଥିଲେ। ପାଠପଢ଼ା ସହ ମାତାପିତା, ଗୁରୁମାଗୁରୁଜୀ ଓ ବୟୋଜ୍ୟେଷ୍ଠ ବକ୍ତିମାନଙ୍କୁ କିପରି ଭକ୍ତି ଓ ସମ୍ମାନ କରାଯାଏ, ତାହା ସ୍କୁଲରେ ୧୧ବର୍ଷ ପାଠପଢ଼ା ମଧ୍ୟରେ ଶିଖିପାରିଛୁ ବୋଲି ଛାତ୍ରୀଛାତ୍ରମାନେ ବକ୍ତବ୍ୟରେ କହିଥିଲେ। ସଭାରେ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ଗୟାଧର ମହାନ୍ତି, ଗୁରୁମା ସୌଭାଗିନୀ ଜେନା, ସ୍ୱର୍ଣ୍ଣଲତା ମାଠ, ସୁଲୋଚନା ମହାନ୍ତି, ବାସନ୍ତୀ ସାହୁ, ଅନିତା ପଟ୍ଟନାୟକ, ଅଂଶୁମାନ ପରିଡ଼ା, ସସ୍ମିତା ମହାନ୍ତି, ମନୋରଞ୍ଜନ ବାରିକ, ପ୍ରଦୀପ୍ତ କୁମାର ଭୋଇ, କିଶୋର ଚନ୍ଦ୍ର ବେହେରା, ସୁଚିସ୍ମିତା ପଟ୍ଟନାୟକ, ଜୟନ୍ତୀ ରାଉତରାୟ, ଶ୍ରଦ୍ଧା ଶୁଭଦର୍ଶିନୀ ଶତପଥୀ, ଚିତ୍ତରଞ୍ଜନ ମୁଦୁଲି, ତରୁଣ ବାରିକ, ରୂପାଲି ଭୂୟାଁ, ପ୍ରତିମା ମହାପାତ୍ର, ସୁଶ୍ରୀମା ନାୟକ, ଶକୁନ୍ତଳା ସାହୁ, ଶୁଭଶ୍ରୀ କାନୁନ୍‌ଗୋଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିରରେ ସୂର୍ଯ୍ୟ ପ୍ରଦକ୍ଷିଣ ଉତ୍ସବ

**ବାଲିକୁଦା, ୨।୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅଧୀନ କୃଷ୍ଣଦାସପୁର ପଞ୍ଚାୟତ ରାୟରପୁରସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ମାଘସପ୍ତମୀ ଅବସରରେ ସୂର୍ଯ୍ୟ ପ୍ରଦକ୍ଷିଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରବିନାରାୟଣ ନନ୍ଦଶର୍ମାଙ୍କ ମନ୍ତ୍ରଧ୍ୱନିରେ ସୂର୍ଯ୍ୟଙ୍କୁ ଆବାହନ କରାଯାଇଥିଲା। ପଣ୍ଡିତ ଉପେନ୍ଦ୍ରନାଥ ରଥ, ଶଙ୍କର୍ଷଣ ନନ୍ଦ, ବିକ୍ରମ ନନ୍ଦ ପ୍ରମୁଖ ସହାୟତା କରିଥିଲେ। ପ୍ରଥମେ ମନ୍ଦିରରୁ ଏକ ବିମାନରେ ସୂର୍ଯ୍ୟଦେବତାଙ୍କୁ ନିମନ୍ତ୍ରଣରେ ଅଣାଯାଇ ଚନ୍ଦନ ପୋଖରୀ ଘାଟରେ ସ୍ଥାପିତ ପୂଜା ମଣ୍ଡପ ନିକଟରେ ବିଜେ କରାଯାଇଥିଲା। ପୂଜକ ହାଡିବନ୍ଧୁ ଚୟନୀ ଉପସ୍ଥିତ ରହି ସୂର୍ଯ୍ୟଦେବଙ୍କୁ ଆବାହନ କରିଥିଲେ। ପରେ ପ୍ରଭୁଙ୍କୁ ଖିରିଖେଚୁଡ଼ି ସହିତ ଆରିସା ପିଠା ଭୋଗ ଲାଗି କରାଯାଇଥିଲା। କର୍ତ୍ତାଭାବେ ଜ୍ୟୋସ୍ନାରାଣୀ ଚୌଧୁରୀ କାର୍ଯ୍ୟ ତୁଲାଇଥିଲେ। ସୁରେଶ ଚୌଧୁରୀ, ଦ୍ୱିଜବର ଜେନା, ଶଙ୍କର ମହାରଣା, ପ୍ରହଲ୍ଲାଦ ଜେନା, ବସନ୍ତ ସାହୁ, ଭୀମସେନ ତରାଇ, ଛବିଲତା ସାହୁ, ହେମଲତା ସାହୁ, ବିକ୍ରମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## 'ସାରଳା ଦାସଙ୍କ ରଚନା ତାଙ୍କ ନିଜ ମୌଳିକ ଲେଖା ଥିଲା'

ତିର୍ତ୍ତୋଲ, ୨।୨ (ଡି.ଏନ୍.ଏ.)



ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସମ୍ମାନିତ କରୁଛନ୍ତି।

ସାରଳା ଦାସ ଓଡ଼ିଆ ଭାଷାରେ ମହାଭାରତ ରଚନା କରି ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଛନ୍ତି। ତାଙ୍କ ରଚନା ସଂସ୍କୃତ କିମ୍ବା କୌଣସି ଅନ୍ୟଭାଷା ଲେଖାର ଅନୁଶୀଳନ ନ ଥିଲା, ତାହା ତାଙ୍କର ନିଜସ୍ୱ ମୌଳିକ ଲେଖା ଥିଲା ବୋଲି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ତିର୍ତ୍ତୋଲ ବ୍ଲକ ଅଧୀନ ତେନ୍ତୁଳିପଦାସ୍ଥିତ ମୁନିଗୋସାଇଁ ମଠ ପରିସରରେ ପବିତ୍ର ମାଘ ସପ୍ତମୀ ତିଥି ଅବସରରେ ଶନିବାର ସନ୍ଧ୍ୟାରେ ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଟକସ୍ଥିତ ସାରଳା ସାହିତ୍ୟ ସଂସଦ ସମ୍ପାଦକ ଇଂ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଭାରେ ଆନ୍ଧ୍ରର ରାଜ୍ୟପାଳ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ସାରଳା ଦାସଙ୍କ ସମ୍ପର୍କରେ ବିଭିନ୍ନ ଆଲୋଚନା କରିବା ସହ କଳିଙ୍ଗ ଯୁଦ୍ଧକୁ ନେଇ ଇତିହାସରେ ରହିଥିବା ତଥ୍ୟ ଉପରେ ସନ୍ଦେହ ବ୍ୟକ୍ତ କରିଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାରଳା ଦାସଙ୍କ ସାହିତ୍ୟ କୃତୀ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଜଷ୍ଟିସ ଦୁର୍ଗାପ୍ରସାଦ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିବା ସହ ଆଦିକବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, କବି ରକ୍ଷକ ନାୟକ ଓ କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ 'ଆଦିକବି ସାରଳା ଦାସ ସାରସ୍ୱତ ସମ୍ମାନରେ' ସମ୍ମାନିତ କରାଯାଇଥିଲା। ଝଙ୍କଡ଼ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଆଦିକବି ସାଂସ୍କୃତିକ ପରିଷଦ ସଭାପତି ବିରଜା ପ୍ରସନ୍ନ ପରିଜା, ସମ୍ପାଦକ ଚିତ୍ତରଞ୍ଜନ ପରିଜା, ଓମ୍‌ପ୍ରକାଶ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ପାରାଦୀପ, ୨।୨ (ସ୍ୱ.ପ୍ର.)

ପାରାଦୀପସ୍ଥିତ ବାଲିଝରା ବସ୍ତିରେ ଥିବା ଗଣପତି ଶିଶୁମନ୍ଦିରରେ ପାରାଦୀପ ବନ୍ଦର ପକ୍ଷରୁ ଶନିବାର ଏକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଆୟୋଜିତ ଏହି କେନ୍ଦ୍ରକୁ ବନ୍ଦର ଲେଡିକ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଦସ୍ୟା ସ୍ମିତା ରଥ, ପ୍ରୀତିଆରତି ପରିଜା, ସମିତି ସଂଯୋଜକ ଅଶୋକ ମହାପାତ୍ର, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟା ଗୀତାଞ୍ଜଳି ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ବସ୍ତି ଅଞ୍ଚଳର ଯୁବତୀଯୁବକମାନଙ୍କୁ କମ୍ପ୍ୟୁଟର ଜନିତ ସର୍ବନିମ୍ନ କାମ ବିଷୟଗୁଡ଼ିକୁ ଜାଣିବା ନିମନ୍ତେ ଶିକ୍ଷା ପ୍ରଦାନ କରାଯିବ। ଏଥିରେ ମହିଳାମାନଙ୍କୁ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ସ୍କୁଲ ପିଲାମାନଙ୍କ ମା'ମାନଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ମା'ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଦିନିକିଆ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ପାରାଦୀପ, ୨।୨ (ସ୍ୱ.ପ୍ର.):** ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ୧୯ତମ ଦିନିକିଆ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଟା ଗୋଲମରୀ ଗଲ୍ଫ କ୍ଲବର ପଦନସିଂ ମାରଓ୍ୱା ବେଷ୍ଟ ଗ୍ରସର ଭାବେ ଟ୍ରଫି ଜିତିଛନ୍ତି। ଅନ୍ୟ ଚାମ୍ପିୟନ ଓ ରନର୍ସଅପ୍‌ଙ୍କ ମଧ୍ୟରେ ହ୍ୟାଣ୍ଡିକାପ୍ ବର୍ଗରେ ଭୁବନେଶ୍ୱର ଗଲ୍ଫ କ୍ଲବର ପାର୍ଥସାରଥି ରନର୍ସଅପ୍ ଟିଏ ବାଟାଲିୟନର ଉନେଶ ଏରାନ ଟ୍ରଫି ଜିତିଛନ୍ତି। ସେହିପରି ହାଣ୍ଡିକାପ୍‌ଡ (୧୩-୧୮)ପିନ୍‌ରେ ପାରାଦୀପ ଗଲ୍ଫ କ୍ଲବର ହରିହର ଦାଶ ଚାମ୍ପିୟନ ହୋଇଥିବା ବେଳେ ଭୁବନେଶ୍ୱର କ୍ଲବର ପ୍ରଶାନ୍ତ ଜେନା ରନର୍ସଅପ୍ ହୋଇଛନ୍ତି। ହାଣ୍ଡିକାପ୍‌ଡ (୧୯-୨୪) ପିନ୍‌ରେ ପାରାଦୀପ ଗଲ୍ଫ କ୍ଲବର ଦୀପକ ଷଡ଼ଙ୍ଗୀ ଚାମ୍ପିୟନ ଓ ମାନସ ରଞ୍ଜନ ସ୍ୱାଇଁ ରନର୍ସଅପ୍ ହୋଇଛନ୍ତି। ଲଙ୍ଗେଷ୍ଟ ଡ୍ରାଇଭରେ ରାଞ୍ଚି କ୍ଲବର ବିଜୟ ରାଓ ଚାମ୍ପିୟନ, ନିୟରେଷ୍ଟ ପିନ୍‌ରେ ଭୁବନେଶ୍ୱର କ୍ଲବର ଅଜୟ ନେଗି ଓ ଷ୍ଟ୍ରେଟିଗେଷ୍ଟ ଡ୍ରାଇଭରେ ଅକ୍ଷୟ ଚନ୍ଦ୍ର ସୁତାର ଚାମ୍ପିୟନ ହୋଇଛନ୍ତି। ମହିଳା ବର୍ଗରେ ପାରାଦୀପ ଗଲ୍ଫ କ୍ଲବର ଅମ୍ବିକା ସୁତାର ଚାମ୍ପିୟନ, ମାଧୁରୀ ଏକ୍କା ରନର୍ସଅପ୍ ଟ୍ରଫି ଜିତିଥିଲେ। ଶିଶୁବର୍ଗରେ ରେୟାନ୍ ରିଚାର୍ଡ ଓ ଆଦିତି ଟ୍ରଫି ଜିତିଥିଲେ। ପାରାଦୀପ ଗଲ୍ଫ ପଡ଼ିଆଠାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ଅଫିସର୍ସ କ୍ଲବରେ ପୁରସ୍କାର ବିତରଣ କରାଯାଇଥିଲା। ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଡିଜ୍ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ, ଟ୍ରାଫିକ ମ୍ୟାନେଜର ଏସ୍‌କେ ମିଶ୍ର, ଉପ ସଂରକ୍ଷକ କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗଲ୍ଫ କ୍ଲବ ମୁଖ୍ୟ ବବଲୁ ସିକଦାର୍ ଖେଳ ପରିଚାଳନା କରିଥିଲେ।

## ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିକୁଦା, ୨।୨ (ସ୍ୱ.ପ୍ର.):** ବାଲିକୁଦା ବ୍ଲକ କୃଷ୍ଣଦାଶପୁର ପଞ୍ଚାୟତ ଚଷାପଡ଼ା ଗ୍ରାମସ୍ଥିତ ବୀରେନ ଉ.ପ୍ରା. ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ସ୍ୱର୍ଗତ ବିଜୟ କୁମାର ନାୟକଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବଉଳାଗଡ଼ାସ୍ଥିତ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଶ୍ରୀଧର ମହାରଣା ସଭାପତିତ୍ୱ କରିଥିଲେ। ହୃଷୀକେଶ ଚଇନୀ, ଅନାଦି ଚରଣ ପାତ୍ର, ଗୋବିନ୍ଦ ଚନ୍ଦ୍ର ଜେନା, ସାରଦା ପ୍ରସନ୍ନ ସିଂହ, ନୃସିଂହ ଚରଣ ଚାନ୍ଦ, ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ଦିଲୀପ କୁମାର ବାରିକ, ବିସ୍ମୟ କୁମାର ମଲ୍ଲ, ମିହିର କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ଆଦର୍ଶ ଶିକ୍ଷକ ସ୍ୱର୍ଗତ ନାୟକଙ୍କ କର୍ମଜୀବନୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ସଭା ଆରମ୍ଭରେ ଦିବଂଗତ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

## ପୀତାମ୍ବରଙ୍କୁ ଝଙ୍କଡ଼ ସମ୍ମାନ



କବି ପୀତାମ୍ବର ମହାପାତ୍ରଙ୍କୁ ସମ୍ମାନିତ କରାଯାଉଛି।

**ବାଲିଆ, ୨।୨:** ବିରିଡି ବ୍ଲକ ଅଧୀନ ଦଳେଇଘାଇସ୍ଥିତ ଆଷାଢ଼ ସାହିତ୍ୟ ସଂସଦ ସଭାପତି ପ୍ରବୀଣ ସାରସ୍ୱତ ସାଧକ କବି ପୀତାମ୍ବର ମହାପାତ୍ରଙ୍କୁ ଝଙ୍କଡ଼ ସମ୍ମାନରେ ସମ୍ମାନିତ କରାଯାଇଛି। ତିର୍ତ୍ତୋଲର ଝଙ୍କଡ଼ ସାହିତ୍ୟ ସଂସଦର ୬ଷ୍ଠ ବାର୍ଷିକ ସାରସ୍ୱତ ସମ୍ମିଳନୀ- ୨୦୨୦ ଅବସରରେ ତେନ୍ତୁଳିପଦାସ୍ଥିତ ମୁନି ଗୋସାଇଁ ମଠଠାରେ ଆୟୋଜିତ ଉତ୍ସବରେ କବି ମହାପାତ୍ରଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାପତି ନିତ୍ୟାନନ୍ଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପିପିଏଲ୍‌ର ଜେନେରାଲ ମ୍ୟାନେଜର ଜଗନ୍ନାଥ ଖୁଣ୍ଟିଆ ମୁଖ୍ୟଅତିଥି, ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା, ଇଂ. ପ୍ରଭାକର ସ୍ୱାଇଁ, ପତ୍ରିକା କାଦମ୍ବିନୀର ସମ୍ପାଦିକା ଡ. ଇତିଶ୍ରୀ ସାମନ୍ତ, କଥାକାର ଶୁଭଶ୍ରୀ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ କବି ମହାପାତ୍ରଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଂସଦର ପ୍ରତିଷ୍ଠାତା ସମ୍ପାଦକ ଗୋଲଖ ବିହାରୀ ପଲାଇ, କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟ, ପରମାନନ୍ଦ ମିଶ୍ର, ନିତ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କବି ମହାପାତ୍ରଙ୍କୁ ଏହି ସମ୍ମାନ ମିଳିଥିବାରୁ ଗାଳ୍ପିକା କାଦମ୍ବିନୀ ପରିଜା, କବି ଉମାକାନ୍ତ ରଥ ଓ ଅନ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କାର୍ଯ୍ୟକାରୀ ହେଲାନି ଜିଲାପାଳଙ୍କ ନିର୍ଦ୍ଦେଶ

ବାଲିଆ, ୨।୨

**ବିରିଡ଼ି ବ୍ଲକରେ ଚାଷୀ ଅସନ୍ତୋଷ**

- ଅଭିଯୋଗକୁ ୩ ମାସ ପୂରିଲା
- କାର୍ଯ୍ୟକ୍ଷମ ହୋଇପାରିଲାନି ଜଳସେଚନ ପ୍ରକଳ୍ପ
- ପାଣି ପଞ୍ଚାୟତ ସଦସ୍ୟ ଓ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

ବିରିଡି ବ୍ଲକ ଅଧୀନ ୨୨ ମୌଜା ମଙ୍ଗୁଳି ଗ୍ରାମରେ ଥିବା ବରୁଣେଇ ପାଣିପଞ୍ଚାୟତର ସଭାପତି ଓ ସଭ୍ୟମାନେ ଗତ ଡିସେମ୍ବର ୯ ତାରିଖରେ ଜିଲାପାଳଙ୍କ ଜନଶୁଣାଣିରେ ପହଞ୍ଚି ଉଠା ଜଳ ସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରିବାକୁ ଦାବି କରିଥିଲେ। ତେବେ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ସହ କାର୍ଯ୍ୟକ୍ଷମ କରାଇବାକୁ ଜିଲାପାଳ ଦେଇଥିବା ନିର୍ଦ୍ଦେଶକୁ ବିଭାଗୀୟ କର୍ତ୍ତୃପକ୍ଷ ମାନୁନାହାନ୍ତି। ଇତିମଧ୍ୟରେ ଅଭିଯୋଗକୁ ୩ ମାସ ବିତିଯାଇ ଥିଲେ ବି ଏ ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇନାହିଁ, ଯାହାକୁ ନେଇ ସ୍ଥାନୀୟ ଚାଷୀ ଓ ପାଣି ପଞ୍ଚାୟତ ସଭ୍ୟମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ଆସନ୍ତା ସପ୍ତାହରେ ବିରିଡ଼ିଠାରେ ହେବାକୁ ଥିବା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ସେମାନେ ପୁଣି ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବେ ବୋଲି ସଭାପତି ମହେନ୍ଦ୍ର କୁମାର ସାହୁ, ସମ୍ପାଦକ ଶିବ ପ୍ରସାଦ ସାହୁ, ପଦ୍ମନାଭ ସାହୁ, ବିଶ୍ୱନାଥ ସାହୁ, ଶଙ୍କର ସାହୁ, ଦେବାସିଷ ସାହୁ, କାର୍ତ୍ତିକ ସାହୁ, ଗୋପାଳ ସାହୁ, ଗୋବିନ୍ଦ ସାହୁ, ସନାତନ ନାଥ, ସୁଦର୍ଶନ ସାହୁ, ଗନ୍ଧର୍ବ ସାହୁ, କୁନା ଭୋଇ, କଳ୍ପତରୁ ଭୋଇ, କେଦାର ଦାସ, ରୁପ ଭୋଇ ପ୍ରମୁଖ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ମେ'ରେ ହୋଇଥିବା ଫନୀ ବାତ୍ୟାରେ ଉଠା ଜଳସେଚନ ପ୍ରକଳ୍ପ ପାଇଁ ବସିଥିବା ଟ୍ରାନ୍ସଫର୍ମର, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବା ବେଳେ କେତେକ ଜମି ଉପରେ ଏବେ ବି ନଇ ପଡ଼ିରହିଛି। ଦୀର୍ଘ ୧୦ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଉକ୍ତ ପ୍ରକଳ୍ପଗୁଡ଼ିକର ପୁନଃରୁଦ୍ଧାର କରାଯାଉ ନ ଥିବାରୁ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରାଯାଇଥିଲା। ତେବେ ଏହା କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହା ଅଦ୍ୟାବଧି କରାଯାଇ ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା,ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ। -ସାମ୍‌ବେଦ



## ସଂକ୍ଷେପରେ

### ୬ରୁ ରାଜ୍ୟସ୍ତରୀୟ 'ଡିଫା' ଟୁର୍ନାମେଣ୍ଟ

**ଧର୍ମଶାଳା,୨।୨(ଡିଏନ୍‌ଏ):** ଯାଜପୁର ଜିଲାର ପ୍ରମୁଖ ଖେଳ ଅନୁଷ୍ଠାନ ଧର୍ମଶାଳା ଫୁଟବଲ ଆସୋସିଏଶନ 'ଡିଫା' ପକ୍ଷରୁ ୨୨ତମ ରାଜ୍ୟସ୍ତରୀୟ ଡିଫା କପ୍ ଓ ଦ୍ୱିତୀୟ ବର୍ଷ ରଣଜିତ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ୬ରୁ ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଉଦ୍‌ଘାଟିତ ହେବ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ୮ଟି ଟିମ୍ ଅଂଶଗ୍ରହଣ କରିବେ ଓ ୧୨ ତାରିଖରେ ଉଦଯାପିତ ହେବ। ଉଦଘାଟନୀ ମ୍ୟାଚରେ ସୋତଲ ଫୁଟବଲ କ୍ଲବ କଟକ ସହିତ ଆଳି ଆଥଲେଟିକ ଆସୋସିଏଶନ କେନ୍ଦ୍ରାପଡା ମଧରେ ଅନୁଷ୍ଠିତ ହେବ। ୭ରେ ବାପୁଜୀ ସ୍ପୋର୍ଟିଂ କ୍ଲବ କଟକ ସହିତ ବାଲେଶ୍ୱାସ୍ କ୍ଲବ ଯାଜପୁର ରୋଡ ମଧରେ ଅନୁଷ୍ଠିତ ହେବ। ୮ ତାରିଖରେ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ସହିତ ୟୁନାଇଟେଡ କ୍ଲବ ଭଦ୍ରକ ମଧରେ, ୯ରେ ପଚ୍ଛାମୁଣ୍ଡାଇ ଏଫ୍‌ସି କେନ୍ଦ୍ରାପଡା ସହ ଆୟୋଜକ ଡିଫା ମଧରେ ଅନୁଷ୍ଠିତ ହେବ ବୋଲି ଡିଫା ସଭାପତି ପ୍ରମୋଦ ଦାସ ଓ ସାଧାରଣ ସମ୍ପାଦକ ପ୍ରବୋଧ କୁମାର ପାତ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ରାଜ୍ୟ ପ୍ରତିଭା ଅନ୍ୱେଷଣ ପରୀକ୍ଷାରେ କୃତୀ ୩ ଛାତ୍ରୀ ସମ୍ବର୍ଦ୍ଧିତ

**ସୁକିନ୍ଦା,୨।୨(ଡିଏନଏ):** ଓଷ୍ଟା ତରଫରୁ ୨୦୨୦ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ହୋଇଥିବା ରାଜ୍ୟ ପ୍ରତିଭା ଅନ୍ୱେଷଣ ପରୀକ୍ଷାରେ ଯାଜପୁର ଜିଲାର ୪ଜଣ କୃତିତ୍ୱ ହାସଲକରିଥିଲେ। ସେମାନଙ୍କ ମଧ୍ୟରୁ ସ୍ୱୟଂସିଦ୍ଧା ନାଥ, ଚିରସ୍ମିତା ମହାନ୍ତି, ସହାନି ପ୍ରିୟଦର୍ଶିନୀ ସାହୁ ଦାନଗଦୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହୋଇଥିବାବେଳେ ସେମାନଙ୍କୁ ସୁକିନ୍ଦା ମିଳିତ ନାଗରିକ ମଞ୍ଚ ତରଫରୁ ରବିବାର ଦାନଗଦୀସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ସୁକିନ୍ଦା ଶିଶୁ ସୁରକ୍ଷା ଅଧିକାର ମଞ୍ଚ ସଂଯୋଜକ ଜଗବନ୍ଧୁ ବେଜ, ସୁକିନ୍ଦା କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ମନୋରଞ୍ଜନ ଦାସ, ରାଣୀପଡ଼ା ସରପଞ୍ଚ ସୁରେଶ କୁମାର ଦାସ, ଆଦର୍ଶ ବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଆଶୁତୋଷ ନାଥଙ୍କ ଉପସ୍ଥିତିରେ କୃତୀ ଛାତ୍ରୀଛାତ୍ରଙ୍କୁ ଦେଖିବାକୁ ମିଳିଥିଲା।

### ବ୍ରାହ୍ମଣୀଦେବୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଚଣ୍ଡିଖୋଲ,୨।୨(ଡିଏନଏ):** ବଡଚଣା ବ୍ଲକ ଅଧୀନ ବନ୍ତଳା ଗ୍ରାମର ମା' ବ୍ରାହ୍ମଣୀଦେବୀ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି । ୩ଦିନ ଧରି ଚାଲିଥିବା ଏହି ଯଜ୍ଞରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ଯଜ୍ଞକୁ ବିଶିଷ୍ଟ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା, ଜ୍ଞାନରଞ୍ଜନ ପାଢ଼ୀ, ସୁରେଶ କୁମାର ମହାପାତ୍ର, ଜଗବନ୍ଧୁ ଦିକ୍ଷୀତ, ସନ୍ଦିପ କୁମାର ନନ୍ଦ, ବଟକୃଷ୍ଣ ଶତପଥୀ, ଶେଷଦେବ ପଣ୍ଡା ପ୍ରମୁଖ ରୀତିନୀତି ରେ ଏହି ମହାଯଜ୍ଞକୁ ସମାପନ କରିଥିଲେ। ଗୋପୂଜା, ସୂର୍ଯ୍ୟପୂଜା, ଦେବ ପୂଜା, ଆଳତି ସହିତ ସନ୍ଧ୍ୟାରେ ମା'ଙ୍କ ଯଜ୍ଞର ପୂର୍ଣ୍ଣାହୂତି କରାଯାଇଥିଲା। କର୍ତ୍ତାଭାବେ ନଗେନ୍ଦ୍ର ମହାପାତ୍ର ଓ ତାଙ୍କ ସହଧର୍ମିଣୀ ସହାୟତା କରିଥିଲେ। ପୂର୍ଣ୍ଣାହୂତି ଦିବସରେ ଭବପ୍ରସାଦ ମହାପାତ୍ର, ପତିତପାବନ ମହାପାତ୍ର, ନିରଞ୍ଜନ ବେହେରା, ଶେଷଦେବ ରାଉତ, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ବହୁ ବ୍ୟକ୍ତି ସହଯୋଗ କରିଥିଲେ ।

# ମାନସିକ ପୂରଣ ପାଇଁ ହୋମକୁଣ୍ଡରେ ପଡୁଛି ନଡ଼ିଆ, ଉଖୁଡ଼ା

## ଦ୍ୱିତୀୟ ଦିନରେ କରଦା ହରିହାଟ ମେଳା



ମେଳାରେ ଲୋକଙ୍କ ଭିଡ଼।

**କୋରେଇ,୨।୨(ସ୍ୱ.ପ୍ର)**

କୋରେଇ ବ୍ଲକର କରଦା ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ହରିହାଟ ମାଘ ସପ୍ତମୀ ମେଳା ଶୃଙ୍ଖଳିତ ଭାବେ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଶନିବାରଠାରୁ ମେଳା ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାର ଦ୍ୱିତୀୟ ଦିନ ରବିବାର ହୋଇଥିବାରୁ ଛୁଟିଦିନର ଲାଭ ଉଠାଇଛନ୍ତି ଲୋକେ। ଏହି ମେଳାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ବହୁ ଭକ୍ତ ମାନସିକ ପୂରଣ ଲାଗି ନୈବେଦ୍ୟ ହୋମକୁଣ୍ଡରେ ନଡ଼ିଆ ଉଖୁଡ଼ା ପକାଉଥିବା ପରିଲକ୍ଷିତ ହୋଇଥିଲା। ପୂର୍ବବର୍ଷ ପ୍ରବଳ ଜନ ସମାଗମ ହୋଇଥିଲା। ତାହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନିର୍ଦ୍ଦେଶରେ ପୋଲିସ ବାହିନୀ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ମଠାଧିଶ ବାବାଜୀ କୃଷ୍ଣଚନ୍ଦ୍ର ଦାସଙ୍କ ସମେତ ମେଳା କମିଟିର ସଭାପତି ଚିନ୍ତାମଣି ବେହେରା, କରଦା ସରପଞ୍ଚ ଗଣେଶ ଚନ୍ଦ୍ର ସାହୁ, ପ୍ରଦୀପ୍ତ ପଣ୍ଡା, ସୁବାସ ଧଳ, ସମ୍ପାଦକ ପ୍ରମୋଦ ମହାପାତ୍ର, ତାରିଣୀ ପଟ୍ଟନାୟକ, ମେଳା କମିଟି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ବିଦ୍ୟାଧର ବେହେରା, ହରିହର ସାହୁ, ସୁଶୀଲ କୁମାର ବେହେରା, ଧବଳେଶ୍ୱର ସାହୁ, ନବଘନ ପଣ୍ଡା, ମଣିନାଥ ପଣ୍ଡା, ମଦନ ପ୍ରଧାନ, ଅଦୈତ୍ୟ ମଲିକ, କାର୍ତ୍ତିକ ସ୍ୱାଇଁ, ମଦନ ମୋହନ ସାହୁ, ସୁବାସ ଚନ୍ଦ୍ର ମହାପାତ୍ର, ରତ୍ନାକର ସାହୁ, ସାବିତ୍ରୀ ସାହୁ, ଶଙ୍କର୍ଷଣ ପରିଡ଼ା, ଗୋକୁଳ ଚନ୍ଦ୍ର ସାହୁ, ପ୍ରଶନ୍ନ ବେହେରା ପ୍ରମୁଖ ଚଳିତ ବର୍ଷ ମେଳା ଓ ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ନିମନ୍ତେ ବିଭିନ୍ନ ଦାୟିତ୍ୱ ନେଇଛନ୍ତି। ଚଳିତ ବର୍ଷ ମେଳାରେ ମୀନା ବଜାର, ଚକ୍ରି ଦୋଳି, କଂସା ପିତ୍ତଳ ଦୋକାନ ସମେତ ବିଭିନ୍ନ ଷ୍ଟଲ ଖୋଲାଯାଇଛି।

# ଜଳଛତ୍ର, ପ୍ରାଥମିକ ଚିକିତ୍ସା, ପୁରୁଣା ବସ୍ତ୍ର ବଣ୍ଟନର ଶୁଭାରମ୍ଭ

**କୋରେଇ,୨।୨(ସ୍ୱ.ପ୍ର)**

ଯାଜପୁର ଜିଲାର ସ୍ୱେଚ୍ଛାସେବୀ ସଂଗଠନ ପାଣିକୋଇଲିର ଆମେ ବିପଦରେ ସାଥୀ ପକ୍ଷରୁ କରଦା ହରିହାଟ ମେଳାରେ ଜଳଛତ୍ର, ପ୍ରାଥମିକ ଚିକିତ୍ସା ଓ ପୁରୁଣା ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ମେଳା ଶେଷ ପର୍ଯ୍ୟନ୍ତ ଚାଲୁ ରହିବ। ଭକ୍ତ ଓ ଦର୍ଶକଙ୍କ ଭିଡ ଯୋଗୁ ସେମାନଙ୍କ ଚାହିଦା ପୂରଣ ପାଇଁ ଅନୁଷ୍ଠାନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟାଳୟକୁ ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା ଯୋଗଦେଇ ଉଦ୍ଘାଘାଟନ କରିଛନ୍ତି। ବିପଦରେ ସାଥି ପକ୍ଷରୁ ଅଶୋକ କୁମାର ବାରିକ, ମନମୋହନ ବାରିକ, ରାକେଶ ରଂଜନ ପଣ୍ଡା, ରବିନ୍ଦ୍ର ବେହେରା, ସୁଧା ଶଙ୍କର ବିଶ୍ୱାଳ, ପ୍ରଫୁଲ୍ଲ ଦାସ, ଗୋଲକ ବିହାରୀ ପରିଡା, ପ୍ରକାଶ ମଲିକ, ରଂଜନ ଜେନା, ଆଦର୍ଶ ଦାସ, ଅନୁଷ ଦଳେଇ, ଯଶୋବନ୍ତ ବେହେରା, ଦିପ୍ତିରଂଜନ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ସେମିରେ ଶେଖର ସ୍ପୋର୍ଟିଂ

## ଫ୍ରେଣ୍ଡସ୍ କ୍ରିକେଟ୍ କପ୍

**ଚଣ୍ଡିଖୋଲ,୨।୨(ଡିଏନଏ)**

ଚଣ୍ଡିଖୋଲ ଫ୍ରେଣ୍ଡସ୍ ସ୍ପୋର୍ଟ କଲଚରାଲ ଆସୋସିଏଶନ ଆନୁକୂଲ୍ୟରେ ଚାଲୁଥିବା ୯ମ ବାର୍ଷିକ ଫ୍ରେଣ୍ଡସ୍ କ୍ରିକେଟ୍ କପ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ ଶେଖର ସ୍ପୋର୍ଟିଂ ଭୁବନେଶ୍ୱର ସହିତ ଶହୀଦ୍ ସ୍ପୋର୍ଟିଂ କ୍ରିକେଟ୍ କ୍ଲବ, ଭୁବନେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଶେଖର ସ୍ପୋର୍ଟିଂ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୪ ୱିକେଟ୍ ହରାଇ ୨୩୨ ରନ୍ ସଂଗ୍ରହ କରିଥିଲା। ଶହୀଦ୍ ସ୍ପୋର୍ଟିଂର ବୋଲର ଅଂଶୁ ମଳିକ ୩ଟି ୱକେଟ୍ ଅକ୍ତିଆର କରିଥିଲେ। ଏହାକୁ ପିଛା କରି ସହିଦ ସ୍ପୋର୍ଟିଂ ସମସ୍ତ ୱିକେଟ ହରାଇ ୧୫୭ ରନରେ ସୀମିତ ରହିଥିଲା। ଉଦଘାଟନୀ ଉତ୍ସବରେ ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ୍ ସ୍ୱାଇଁ ମୁଖ୍ୟ ଅତିଥି ଓ ବଡ଼ଚଣା ଥାନା ଅଧିକାରୀ ଦୀପକ କୁମାର ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ଇନ୍ତେଖାବ୍ ଆଲାମ୍ ଓ ଅମରେଶ ପରିଡ଼ା ପରିଚାଳନା କରିଥିଲେ। ଖେଳକୁ ଭୀମସେନ୍ ସିଂ, ଦେବେନ୍ଦ୍ର ଜେନା, ଆଶିଷ ମୋହନ ସାହୁ, ଆଶିଷ ବଳ, ସନ୍ତୋଷ କୁମାର ସାହୁ, ଅଶ୍ୱଜିତ୍ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ୨ୟ କ୍ୱାର୍ଟର ଫାଇନାଲ ଖେଳରେ ସୋଲାର କ୍ରିକେଟ୍ କ୍ଲବ୍ କଟକ ଓ ଭଦ୍ରକ ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ।

# 'ପିଲାଙ୍କୁ ସଂସ୍କାରୀ କରିବା ମା'ମାନଙ୍କ ପ୍ରମୁଖ ଦାୟିତ୍ୱ ହେଉ'

**ଚଢ଼ଇଧରା,୨।୨(ଡିଏନଏ)**

ଧର୍ମଶାଳା ବ୍ଲକ ଗଡ଼ମଧୁପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଓ ମାତୃସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁମନ୍ଦିରର ସମ୍ପାଦକ ଅଶୋକ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଯୋଗଦେଇ କହିଥିଲେ ଯେ, ପିଲାଙ୍କୁ ଭଲ ମଣିଷ କରି ଗଢି ତୋଳିବା ମା'ବାପାଙ୍କର ଯେତିକି ଦାୟିତ୍ୱ, ଶିକ୍ଷୟିତ୍ରୀଶିକ୍ଷକଙ୍କର ସେହିଭଳି ଦାୟିତ୍ୱ ରହିବା ଦରକାର। ଶିଶୁଙ୍କୁ ଉତ୍ତମ ସଂସ୍କାର ଦେବା ଓ ସେମାନଙ୍କ ଭବିଷ୍ୟତ ଗଢି ତୋଳିବା ମା'ମାନଙ୍କର ପ୍ରମୁଖ ଦାୟିତ୍ୱ ବୋଲି ବେହେରା କହିଥିଲେ। ବାର୍ଷିକ ଉତ୍ସବରେ ଅନୁଷ୍ଠାନକୁ ଋଦ୍ଧିମନ୍ତ କରିଥିବା ପୂର୍ବ ସଭାପତିଙ୍କୁ ଶିକ୍ଷାଧିକାରୀ ସମ୍ବର୍ଦ୍ଧିତ କରିଥିଲେ। ଇତ୍ୟବସରରେ ଶିଶୁମନ୍ଦିର ପାଇଁ ଜମି ଯୋଗାଇ ଦେଇଥିବା ଶାନ୍ତିଲତା ବଳ, ପୂର୍ବତନ ସଭାପତି ସ୍ୱର୍ଗତଃ ପ୍ରସନ୍ନ କୁମାର ସିଂହଙ୍କୁ ମରଣୋତ୍ତରଭାବେ ତାଙ୍କ ପୁଅଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ତାଙ୍କ ପରବର୍ତ୍ତୀ ସମୟରେ ସଭାପତି ଦାୟିତ୍ୱ ନିର୍ବାହ କରିଥିବା ଭୁବନପୁର ଗ୍ରାମର ପବିତ୍ର ମୋହନ ବଳଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରଯାଇଥିଲା। ସମ୍ମାନିତ ଅତିଥିଭାବେ ୧୨ନଂ ଜିଲା ପରିଷଦ ସଦସ୍ୟା ପ୍ରଣତୀ ଲେଙ୍କା, ଅନ୍ୟତମ ସମ୍ମାନିତ ଅତିଥିଭାବେ ୧୧ନଂ ଜୋନ ଜିଲା ପରିଷଦ ସଦସ୍ୟା ସୁରେଖା ନାୟକ, ମାତୃ ସମ୍ମିଳନୀର ମୁଖ୍ୟବକ୍ତାଭାବେ କୁଞ୍ଜବିହାରୀ ଦାସ, ମନୋରଞ୍ଜନ ନାୟକ, ସାଂସ୍କୃତିକ ଉତ୍ସବର ବକ୍ତା ଭାବରେ ଶଙ୍କର୍ଷଣ ପ୍ରଧାନ, କେତନ କୁମାର ନାୟକ ଓ ଶିଶୁମନ୍ଦିର ଉପସଭାପତି ଅଲେଖ ପ୍ରସାଦ ନାୟକ, ସମ୍ପାଦକ ଅଶୋକ କୁମାର ଶତପଥି, ସହସମ୍ପାଦକ ଅଭିମନ୍ୟୁ ମହାନ୍ତି, ପ୍ରଧାନ ଆଚାର୍ଯ୍ୟା ସସ୍ମିତା ରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ପଞ୍ଚାୟତ ସଭାପତି ଜଗଦୀଶ ଜେନାମଣି, ସୁଭଦ୍ରା ଜେନା, ସ୍ମିତା ଶତପଥୀ ସମେତ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା ନୃତ୍ୟ ପରିବେଷଣ କରିଥିଲେ। ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ବାର୍ଷିକୋତ୍ସବ ଓ ମାତୃ ସମ୍ମିଳନୀରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଭା।

# ପର୍ଯ୍ୟଟକ, ସିନେ ନିର୍ଦ୍ଦେଶକଙ୍କୁ ଆକୃଷ୍ଟ କରୁଛି କୁସୁମା

**ଯାଜପୁର ଟାଉନ,୨।୨(ଡି.ଏନ.ଏ)**

ଯାଜପୁର କୁସୁମା ସରୋବର ଦିନକୁ ଦିନ ଆକର୍ଷଣୀୟ ହେବାରେ ଲାଗିଛି। କୁସୁମା ପରିସରରେ ପିଲାଙ୍କ ପାର୍କ ଓ କୃତ୍ରିମ ଝରଣା ସହିତ ବିଭିନ୍ନ କାରୁକାର୍ଯ୍ୟ ଏବଂ ଆଲୋକ ସଜ୍ଜା ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବାବେଳେ ଏହି ସରୋବରରେ ବୋଟିଂ ବ୍ୟବସ୍ଥା, ଲାଇଟ ଓ ସାଉଣ୍ଡ ସିଷ୍ଟମ ପର୍ଯ୍ୟଟକଙ୍କ ସହ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ମଧ ଆକୃଷ୍ଟ କରିବାରେ ଲାଗିଛି। କିଛି ମାସ ମଧରେ ୪/୫ଟି ଓଡ଼ିଆ ଚଳଚ୍ଚିତ୍ର, ଗୋଟିଏ ବଙ୍ଗଳା ଚଳଚ୍ଚିତ୍ର ଏବଂ ୪୦ରୁ ଉର୍ଦ୍ଧ୍ୱ ଆଲବମ ସୁଟିଂ ହୋଇବେଳେ ଗତ ଶୁକ୍ରବାର ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନରୋତ୍ତମ ପରିଡାଙ୍କ ନିର୍ଦ୍ଦେଶନାରେ ଗୋଟିଏ ଆଲବମ୍‌ର ସୁଟିଂ ଚାଲିଥିବା ଦେଖିବାକୁ ମିଳିଥିଲା। ଏହି ଆଲବମ ଗୀତଗୁଡିକ ମଧ୍ୟରୁ ୩ଟି ଜିଲାପାଳ ରଞ୍ଜନ କୁମାର ଦାସ ରଚନା କରିଥିବାବେଳେ ଗୋଟିଏ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ଲେଖିଛନ୍ତି। ଜିଲାପାଳଙ୍କ ଲିଖିତ 'ମନେ ମନେ ତତେ ଭଲ ପାଏ' ଗୀତକୁ ଅସୀମା ପଣ୍ଡା ଗାଇଥିବାବେଳେ 'ପ୍ରୀୟା ପ୍ରୀୟା'କୁ ତାରିକ ଅଜିଜ ଓ ଅରୁପମା, 'ତତେ ଛୁଇଁଗଲା ପରେ'କୁ ଆଶୁତୋଷ ଓ ପପୁ ମିଶ୍ର ଗାଇଛନ୍ତି। ଏହି ସମସ୍ତ ଗୀତରେ ଦିନେଶ ମଲ୍ଲିକ ସଂଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଲୋକେଶ କୁମାର ରାଉତ, ସ୍ୱାତୀ ପଣ୍ଡା, ବର୍ଷାରାଣୀ ନାୟକ, ବୃନ୍ଦାବନ ମିଶ୍ର , ରିତୁ ମହାପାତ୍ର ଓ ସୌମ୍ୟା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ନୃତ୍ୟ ନିର୍ଦ୍ଦେଶନା ବର୍ଷାରାଣୀ ନାୟକ ଦେଇଛନ୍ତି। ପ୍ରକାଶ ରାଉତ ଓ ତାପସ ନାୟକ ବ୍ୟବସ୍ଥାପନା ଦାୟିତ୍ୱ ତୁଲାଇଛନ୍ତି।

### ପାଲ ଚୋରି କରି ୨ ଗିରଫ

**କୋରେଇ,୨।୨(ସ୍ୱ.ପ୍ର)**

ପାଣିକୋଇଲି ଥାନା ଷଠିପୁର ଅଞ୍ଚଳରୁ ଗାଡ଼ି ଓ ଇଟାଭାଟିରୁ ପାଲ ଚୋରି କରି ୨ଜଣ ଗିରଫ ହୋଇଛନ୍ତି। ଶନିବାର ରୁମାପଶି ଗ୍ରାମର ରବୀନ୍ଦ୍ର ଖଣ୍ଡାଇ ୪ଟି ଓ କାର୍ତ୍ତିକ ଖଣ୍ଡାଇଙ୍କ ୩ଟି ପାଲ ଚୋରି ହୋଇଥିଲା। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ଷଠିପୁର ଗ୍ରାମର ଲକ୍ଷ୍ମୀଧର ପଲେଇ (୩୫) ଓ ସୁନ୍ଦରପୁର ଗ୍ରାମର ରାମଚନ୍ଦ୍ର ମିଶ୍ର(୩୦)ଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ପାଲ ଜବତ କରିଥିଲା। ୨ଜଣଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

# ପର୍ଯ୍ୟଟନ କେନ୍ଦ୍ର 'ଗଲଗଲି ଶଙ୍ଖ'ର ବାର୍ଷିକୋତ୍ସବ

**ଧର୍ମଶାଳା,୨।୨(ଡିଏନ୍‌ଏ)**

ଧର୍ମଶାଳା ବ୍ଲକର ପରୁଣିଆ ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନ କେନ୍ଦ୍ର ଗଲଗଲି ଶଙ୍ଖଠାରେ ଶ୍ରୀକ୍ଷେତ୍ର ପ୍ରାଚୀନ ବଡଦାଣ୍ଡ ପୁନରୁଦ୍ଧାର କମିଟି ଆନୁକୂଲ୍ୟରେ ବିଶ୍ୱ କଲ୍ୟାଣ, ବିଶ୍ୱଶାନ୍ତି ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ବାର୍ଷିକ ଉତ୍ସବରେ ଅଭିମନ୍ୟୁ ଧଳ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତାଭାବେ ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଧିରେନ୍ଦ୍ର ନାୟକ, ଅବସରପ୍ରାପ୍ତ ଅଧାପକ ଚିତ୍ତରଞ୍ଜନ ମହାନ୍ତି, ସନ୍ତୋଷ କୁମାର ଜେନା, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି କାର୍ଯ୍ୟକାରୀ ସଭାପତି ବଟକୃଷ୍ଣ ନାୟକ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ପ୍ରଶାନ୍ତ ଜେନା ଅତିଥି ପରିଚୟ ଦେଇଥିବାବେଳେ ଅନନ୍ତ କିଶୋର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଏଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ନେଉଳପୁର ଗ୍ରାମର ରୋଜାଲିନ ବେହେରା ଓ ଉଦୟନଗର ଗ୍ରାମର ମଧୁସ୍ମିତା ସାମଲଙ୍କୁ ଅତିଥିମାନେ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ନିରଞ୍ଜନ ଗନ୍ତାୟତ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ବିଶ୍ୱ କଲ୍ୟାଣ ପାଇଁ ଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ୧୦ରୁ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଧର୍ମଶାଳା,୨।୨(ଡିଏନ୍‌ଏ)**

ଯାଜପୁର ଜିଲା ଓ ଧର୍ମଶାଳା ଗାୟତ୍ରୀ ପରିବାର ପକ୍ଷରୁ ଯୁଗ ନିର୍ମାଣ ଯୋଜନା, ମଥୁରା ଓ ଗାୟତ୍ରୀ ତୀର୍ଥ, ଶାନ୍ତିକୁଞ୍ଜ, ହରିଦ୍ୱାର ଆନୁକୂଲ୍ୟରେ ଆସନ୍ତା ୧୦ ତାରିଖରୁ ଜାରକାସ୍ଥିତ ମହୋତ୍ସବ ପଡିଆରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ଗାୟତ୍ରୀ ପରିବାର ପକ୍ଷରୁ ଜାରକାସ୍ଥିତ ଧର୍ମଶାଳା ପ୍ରେସକ୍ଲବଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଧର୍ମଶାଳା ଗାୟତ୍ରୀ ପରିବାର ପକ୍ଷରୁ ପ୍ରାଧ୍ୟାପକ ଚନ୍ଦ୍ରମଣି ନାୟକ ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଲେ ଯେ, ୧୦ ତାରିଖ ସୋମବାର ସକାଳ ୯ଟାରେ ଧର୍ମଧ୍ୱଜା ଉତ୍ତୋଳନ ସହ ବିଶାଳ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହେବ। ୧୧ ତାରିଖ ମଙ୍ଗଳବାର ସକାଳ ୬ଟାରେ ସାମୂହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ, ବ୍ୟାୟାମ ୯ଟାରେ ଦେବ ପୂଜନ, ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ୧୨ ତାରିଖ ବୁଧବାର ୯ ଘଟିକାରେ ଗାୟତ୍ରୀ ମହାଯଜ୍ଞ ଓ ପୁଂସବନ, ଅର୍ଣ୍ଣପ୍ରାସନ, ମୁଣ୍ଡନ, ବିଦ୍ୟାରମ୍ଭ, ଦିକ୍ଷା, ବ୍ରତୋପନୟ, ବାନୋପ୍ରସ୍ଥ ଓ ବିବାହ ଅନୁଷ୍ଠିତ ହେବ। ସନ୍ଧ୍ୟା ୬ ଘଟିକାରେ ୧୦୦୮ ଦ୍ୱୀପ ମହାଯଜ୍ଞ ଅନୁଷ୍ଠିତ ହେବ। ୧୩ ତାରିଖ ଗୁରୁବାର ଅପରାହ୍ନ ୨ ଘଟିକାରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ପ୍ରତ୍ୟହ ସନ୍ଧ୍ୟାରେ ଶାନ୍ତିକୁଞ୍ଜ ପ୍ରତିନିଧିଙ୍କ ଦ୍ୱାରା ସଙ୍ଗୀତ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ଗାୟତ୍ରୀ ପରିବାରର ପୀତବାସ ଦାସ, ଦାମୋଦର ସେନାପତି, ଗୋକୁଳାନନ୍ଦ ମିଶ୍ର, ନବଘନ ମହାନ୍ତି, ରଘୁନାଥ ଧଳ, ରାଧାନାଥ ଦାସ, ସୁଦାମ ମହାରଣା, ଅଭିରାମ ନାୟକ, ସାନ୍ତନୁ ଦାସ, ମଦନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କର୍ମକର୍ତ୍ତାଙ୍କ ଖବରଦାତା ସମ୍ମିଳନୀ।

# 'ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ଚିହ୍ନନ୍ତୁ ଶିକ୍ଷକ, ଅଭିଭାବକ'

**ରସୁଲପୁର,୨।୨(ଡିଏନଏ)**

ପ୍ରତ୍ୟେକ ଶିଶୁଠାରେ ନୂତନ ସମ୍ଭାବନା ଲୁଚି ରହିଛି। ସେହି ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରିବା ଦାୟିତ୍ୱ ସମସ୍ତଙ୍କର। ଶିକ୍ଷକ ଓ ଅଭିଭାବକମାନେ ଏ ଦିଗରେ ଯତ୍ନବାନ ହେଲେ ତାହା ସମ୍ଭବ ହୋଇପାରିବ। ପିଲାଙ୍କୁ ଚାପମୁକ୍ତ ହୋଇ କାମ କରିବା ସହ ସମସ୍ତଙ୍କୁ ନିଜସ୍ୱ ଶୈଳୀରେ ବଢିବା ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ରସୁଲପୁର ବ୍ଲକ କୁଆଖିଆ ବଜାର ନିକଟସ୍ଥ ଗାଁ ଚଣ୍ଡୀପୁରସ୍ଥିତ କଳିଙ୍ଗ ପାଠାଗାରର ପ୍ରତିଭା ଅନ୍ୱେଷଣ ଓ ଚଣ୍ଡିପୁର ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୮ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମତ ପ୍ରକାଶ ପାଇଛି। ଉକ୍ତ ଉତ୍ସବରେ ଚଣ୍ଡିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈଦେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର, ମୁଖ୍ୟବକ୍ତା କୁଆଖିଆ ଥାନାଧିକାରୀ ଆଶିଷ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷାଧିକାରୀ ଭିକାରୀ ଚରଣ କବି, ପ୍ରାକ୍ତନ ସମିତି ସଭ୍ୟ ରଞ୍ଜିତ ରାଉତ, ଶିକ୍ଷକ ସନାତନ ପଣ୍ଡା, ସାମାଜିକ କର୍ମୀ ପ୍ରଶାନ୍ତ ଦାସ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦେବକୀ ପାତ୍ର, ଶିକ୍ଷକ ବିଷ୍ଣୁଚରଣ ସାହୁ, ନରେନ୍ଦ୍ର ପଣ୍ଡା, ଜିତେନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ଦାସ, ତୃପ୍ତିମୟୀ ସାହୁ, ଦିପ୍ତିମୟୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କୁ ଚାରା ଉପହାର ପ୍ରଦାନ କରାଯିବା ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। କଳିଙ୍ଗ ପାଠାଗାରର ବରିଷ୍ଠ କର୍ମକର୍ତ୍ତା ଶ୍ରୀଧର ପରିଡା, ଜଳଧର ସାହୁ, ବଳରାମ ନାୟକ, ଭାସ୍କର ପଣ୍ଡା, ପ୍ରମୋଦ କୁମାର ରାଉତ, ଧନେଶ୍ୱର ସାହୁ, ଉମେଶ ସାହୁ, ବାବୁଲି ସାହୁ ପ୍ରମୁଖଙ୍କୁ ସମାଜସେବା, ପରିବେଶ ସୁରକ୍ଷା, ପ୍ରତିଭା ଅନ୍ୱେଷଣ, ପାଠାଗାରନୀତି ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପାଠାଗାର ପକ୍ଷରୁ ୪ର୍ଥ ରୁ ୮ମ ଶ୍ରେଣୀ ପିଲାଙ୍କୁ ନେଇ ୨ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଭଳି ୪ଟି ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିଲେ। ଦଶମ ଶ୍ରେଣୀରେ ଅଧିକ ନମ୍ବର ରଖଥିବା ଆକାଶ ପରିଡାଙ୍କ ସମେତ ୨୫ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଦ୍ୟାଳୟର ୨୮ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଭାବେ ଶିକ୍ଷଣୀୟ ପୁସ୍ତିକା, ପାଠ୍ୟକ୍ରମରେ ବ୍ୟବହୃତ ସାମଗ୍ରୀ ଓ ଚାମ୍ପିୟନଙ୍କୁ କପ୍ ପ୍ରଭୃତି ପ୍ରଦାନ କରାଯାଇଥିଲା।



ଅତିଥିଙ୍କୁ ଚାରା ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଉଛି।

## ପ୍ରତିଭା ଅନ୍ୱେଷଣ, ପୁରସ୍କାର ବିତରଣ ଉତ୍ସବ

## ସଂକ୍ଷେପରେ

### କାଡାନାଳ ନିର୍ମାଣରେ ଅନିୟମିତତା ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୨।୨:** ଚଳିତବର୍ଷ କେନ୍ଦ୍ରାପଡା ବ୍ଲକ ଭରସିଂ ଗ୍ରାମରୁ କଟକ ଚାନ୍ଦବାଲି ରାସ୍ତା ପର୍ଯ୍ୟନ୍ତ କାଡା ବିଭାଗ ପକ୍ଷରୁ ନାଳ ନିର୍ମାଣ ହୋଇଛି । ଏହି ନାଳ ନିର୍ମାଣରେ ଅନିୟମିତତା ହୋଇଥିବା ଦର୍ଶାଇ ଭରସିଂ ଗ୍ରାମର ଚାଷୀ ଜିଲାପାଳଙ୍କୁ ଶନିବାର ଅଭିଯୋଗ ପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଚାଷୀ ସୁଦାମ ରାଉତ କହିଛନ୍ତି ଯେ, ଏହି କାଡା ନାଳକୁ ନିର୍ଭର କରି ଚାଷ ଜମିକୁ ଜଳସେଚନ ହୋଇଥାଏ । ତେବେ ନିର୍ମିତ ନାଳରେ ଅନିୟମିତତା ହୋଇଥିବାରୁ ଚଳିତ ରବି ଫସଲ ପାଇଁ ଆସିଥିବା ପାଣି ନାଳ ଉଛୁଳି କ୍ଷେତକୁ ପଶି ଯାଉଛି । ଯାହା ଫଳରେ ନାଳ ନିକଟ ଜମିଗୁଡିକ ରବି ଫସଲ ପାଇଁ ଉପଯୁକ୍ତ ହେବାକୁ ଦୀର୍ଘଦିନ ସମୟ ଲାଗିବ । ସେହିପରି ନାଳର ପ୍ରଥମ ଭାଗରେ ପାଣି ଉଛୁଳି ଯାଉଥିବାରୁ ଏହା ଶେଷ ମୁଣ୍ଡରେ ପହଞ୍ଚି ପାରୁନାହିଁ । ନିର୍ମାଣଗତ ତ୍ରୁଟିକୁ ନ ସୁଧାରି ବିଭାଗ ପକ୍ଷରୁ କିପରି ଅନୁଦାନ ଟଙ୍କା ପ୍ରଦାନ କରାଯାଉଛି ବୋଲି ଜିଲାପାଳଙ୍କୁ ଅଭିଯୋଗ ହୋଇଛି । ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଚାଷୀ ଶରତ ମଳିକ, ଦିଗମ୍ବର ଘଡେଇଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ ।

### ଭିତରଗଡ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ରାଜନଗର, ୨।୨ (ଡି.ଏନ.ଏ.):** ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଇତିମଧରେ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଭ୍ୟ ସବିତା ସେଠୀ, ଭିତରଗଡ ପଞ୍ଚାୟତ ସରପଞ୍ଚ ସଙ୍ଗୀତା ବଳ, ପ୍ରେମଲତା ରାଉଳ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମାଣ ହୋଇଥିବା ଲକ୍ଷ୍ମୀ ନାରାୟଣପୁର ଯୁବ ବିକାଶ କେନ୍ଦ୍ର, ଦୁଧିଆ ଯୁବ ବିକାଶ କେନ୍ଦ୍ର ଓ ଲକ୍ଷ୍ମୀ ନାରାୟଣପୁର ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ଏଥିସହ ଭିତରଗଡ ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ଗ୍ରାମ୍ୟ ଉଦ୍ୟାନର ଶିଳାନ୍ୟାସ କରାଯାଇଛି। ଯୁବନେତା ଗଗନ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟକଙ୍କ ସମେତ କଂଗ୍ରେସର ପଞ୍ଚାୟତ ସଭାପତି ବସନ୍ତ ଦାସ ଓ ବିଜେଡିର ପଞ୍ଚାୟତ ସଭାପତି ଅନାଦି ଚରଣ ଦାସ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୀନ୍ଦ୍ର ପ୍ରଧାନ ଏବଂ ସମସ୍ତ ୱାର୍ଡ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ଶତାଧିକ ରୋଗୀଙ୍କ ଚିକିତ୍ସା କରିବା ସହ ମାଗଣା ଔଷଧ ଦେଇଥିଲେ।

# କେନ୍ଦ୍ରାପଡ଼ା ସହରରେ ଟ୍ରାଫିକ ସମସ୍ୟା

**କେନ୍ଦ୍ରାପଡା ଅଫିସ,୨।୨**

ରାଜ୍ୟର ସର୍ବପ୍ରଥମ ପୌରପାଳିକା ଭାବେ କେନ୍ଦ୍ରାପଡା ମାନ୍ୟତା ପାଇଛି । ୧୮୬୯ ମସିହାରେ ଏହି ସହର ମାତ୍ର ୧୪ଟି ଗାଁକୁ ନେଇ ଗଠିତ ହୋଇଥିବା ବେଳେ ଗତ ୧୫୦ ବର୍ଷ ମଧ୍ୟରେ ୨୧ ୱାର୍ଡରେ ପରିଣତ ହୋଇଛି । ବ୍ରିଟିଶ ଅମଳର ବହୁ ସ୍ମାରକୀ ସହିତ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଅଛି । ଏଥିସହ ଜାତୀୟ ଉଦ୍ୟାନ ଭିତରକନିକାର ପ୍ରବେଶ ଦ୍ୱାର କେନ୍ଦ୍ରାପଡା ସହର ହୋଇଥିବାରୁ ପର୍ଯ୍ୟଟକମାନେ ମୁଖ୍ୟତଃ ଏହି ବାଟ ଦେଇ ଯିବା ଆସିବା କରିଥାନ୍ତି । ସହର ମଧ୍ୟରେ ୫୫,୦୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ମରହଟ୍ଟା ଓ ବ୍ରିଟିଶ ଶାସକଙ୍କ ସମୟରୁ ହୋଇଥିବା ରାସ୍ତାର ପ୍ରଶସ୍ତୀକରଣ ଓ ଦ୍ୱିତୀୟ ବାଇପାସ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ସହରରେ ଏବେ ଟ୍ରାଫିକ ସମସ୍ୟା ବଢି ଯାଇଛି । ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ କୁହନ୍ତି ଯେ, ସହର ପାଇଁ ଟ୍ରାଫିକ ବ୍ୟବସ୍ଥା ଏକ ମୁଖ୍ୟ ସମସ୍ୟା । ଅସ୍ଥାୟୀ ବ୍ୟବସାୟୀ ରାସ୍ତାକୁ ଜବର ଦଖଲ କରିଥିବା ବେଳେ ନୂଆ ବସଷ୍ଟାଣ୍ଡରୁ ପୁରୁଣା ବସଷ୍ଟାଣ୍ଡ ମଧ୍ୟ ଦେଇ ବାଇକ ଯିବା କଷ୍ଟକର ହୋଇଛି। ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଜବରଦଖଲ ହଟାଇବା ପ୍ରୟାସ ହୋଇଛି। ତେବେ କିଛିଦିନ ଅନ୍ତରରେ ଏହି ରାସ୍ତା ବ୍ୟବସାୟୀଙ୍କ ଜବରଦଖଲକୁ ଚାଲିଯାଉଛି। ରାଜ୍ୟର ସର୍ବ ପୁରାତନ ସହରକୁ ଏବେ ପ୍ରଶାସନିକ ଅଧିକାରୀ ଚଳାଉଛନ୍ତି । ଏଠାରେ ପୌରପରିଷଦ ଗତ ୩ ବର୍ଷ ହେବ ଭାଙ୍ଗିଯାଇଛି । ପୌରପରିଷଦ ପକ୍ଷରୁ ଭେଣ୍ଡିଂ ଜୋନ ଚିହ୍ନଟ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ କରା ଯାଉନାହିଁ । ସହରର ତିନିମୁହାଣୀ ଠାରେ ଚିହ୍ନଟ ଭେଣ୍ଡି ଜୋନରେ ପୌରପାଳିକା ପକ୍ଷରୁ କେତୋଟି ଦୋକାନ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ବ୍ୟବସାୟୀଙ୍କୁ ଅଦ୍ୟାବଧି ଆବଣ୍ଟନ କରା ଯାଇନାହିଁ। ଏହାବ୍ୟତୀତ ସହରର ମଧ୍ୟସ୍ଥଳରେ ଥିବା ବସଷ୍ଟାଣ୍ଡର ସ୍ଥାନାନ୍ତର ସହ ସହର ମଧ୍ୟରେ ଯାତାୟାତ ପାଇଁ ଛୋଟ ବସର ଆବଶ୍ୟକତା ଅଛି । ସହରର ପୂର୍ବତନ କାଉନସିଲର ମୀର ଅବୁ ଓବେଦା କୁହନ୍ତି ଯେ, ସହରର ଲୋକସଂଖ୍ୟା ତୁଳନାରେ ଆବଶ୍ୟକ ସଂଖ୍ୟକ ରାସ୍ତା ନାହିଁ । ପୌରପାଳିକା ଅଧୀନରେ ମାତ୍ର ୨୩୩ କିଲୋମିଟର ରାସ୍ତା ଅଛି । ଏହି ରାସ୍ତାକୁ ସମ୍ପୂର୍ଣ୍ଣ ପିଚୁ ଓ ମେଟାଲିଂ କରା ଯାଇ ପାରିନାହିଁ । ଗୋବରୀ ନଦୀ କୂଳରେ ପ୍ରଥମ ବାଇପାସ ରାସ୍ତା ନିର୍ମାଣ ପରେ ଟ୍ରାଫିକ ସମସ୍ୟା କିଛି ପରିମାଣରେ ସୁଧୁରି ଥିଲା । ତେବେ ସହର ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଟ୍ରାଫିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଛି । ଏଥିପାଇଁ ଗତ ୨୦୧୬ ନଭେମ୍ବରରେ ସହରର ଚଟିପୋଲଠାରେ ଦ୍ୱିତୀୟ ବାଇପାସ ରାସ୍ତାର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିଲେ । ତାହା ଏବେ ନିର୍ମାଣର ପ୍ରାଥମିକ ସ୍ତରରେ ରହିଛି । ଖଡିଅଙ୍ଗ ଗ୍ରାମର ସେକ ଅମଜାନ କୁହନ୍ତି ଯେ, ସହରର ତିନିମୁହାଣୀ ଛକରେ ଜିଲା ପୋଲିସ ପକ୍ଷରୁ ଟ୍ରାଫିକ ପରିଚାଳନା ବ୍ୟବସ୍ଥା ହୋଇଛି । ମାତ୍ର ଟ୍ରାଫିକ ସମସ୍ୟା ଲାଗି ରହିଛି । ଏଥିସହ ବୁଲା ଗାଈ ସମସ୍ୟା ଦିନକୁ ଦିନ ବଢି ଚାଲିଛି। ସେହିପରି ସହରର ଅଧିକାଂଶ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ରହିବା ଯୋଗୁ ଗାଡି ମୋଟର ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି । ସହର ମଧ୍ୟକୁ ସକାଳ ୮ରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ବଡ ଗାଡି ଚଳାଚଳ ଉପରେ ରୋକ ଲାଗିଛି । ଏହି ନିୟମ କେବଳ କାଗଜକଲମରେ ସୀମିତ ହୋଇଛି । ଗୃହ ନିର୍ମାଣ ପାଇଁ ରାସ୍ତା ଉପରେ ସାମଗ୍ରୀ ରହୁଥିବାରୁ ଦୁର୍ଘଟଣା ବଢୁଛି । ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ୀକରଣ ପାଇଁ ଜବରଦଖଲକୁ ହଟାଇବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି । ଏ ସମ୍ପର୍କରେ ଉପ ଜିଲାପାଳ ତଥା ପୌର ପ୍ରଶାସକ ଜ୍ୟୋତିଶଙ୍କର ମହାପାତ୍ର କୁହନ୍ତି ଯେ, ଦ୍ୱିତୀୟ ବାଇପାସ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି । ଏହା ବ୍ୟତୀତ ଜବରଦଖଲ ହଟାଇବା ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଅସ୍ଥାୟୀ ବ୍ୟବସାୟୀଙ୍କୁ ଖୁବଶୀଘ୍ର ଭେଣ୍ଡି ଜୋନରେ ଥଇଥାନ କରାଯିବ ।

## ବୈଜ୍ଞାନିକ ଡ. ଦେବେନ୍ଦ୍ର କୁମାରଙ୍କୁ ସମ୍ବର୍ଦ୍ଧନା



ଦେବେନ୍ଦ୍ର କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**କେନ୍ଦ୍ରାପଡା ଅଫିସ, ୨।୨**

ସହର ନିକଟ ଗୁଆଳସିଂସ୍ଥିତ କେନ୍ଦ୍ରାପଡା ପବ୍ଲିକ ସ୍କୁଲ ପକ୍ଷରୁ ଯୁକ୍ତରାଷ୍ଟ୍ର ଆମେରିକାର ଆଲାସ୍କା ବିଶ୍ୱ ବିଦ୍ୟାଳୟରେ କାର୍ଯ୍ୟରତ ବୈଜ୍ଞାନିକ ଡ.ଦେବେନ୍ଦ୍ର କୁମାର ଦାସଙ୍କୁ ଶନିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍କୁଲ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସ୍କୁଲର ପ୍ରତିଷ୍ଠାତା ଅଧ୍ୟାପକ ଅଜୟ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବୈଜ୍ଞାନିକ ଡ. ଦାସ ଶିକ୍ଷା ପାଇଁ ବିଜ୍ଞାନ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ବିଶ୍ୱର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗବେଷଣା କରିବାକୁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଡ.ଦାସ ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାକୁ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ ।

# ପର୍ଯ୍ୟଟନ ଅର୍ଥନୀତିର ମୂଳପିଣ୍ଡ

**ରାଜନଗର,୨।୨(ଡି.ଏନ.ଏ)**

ଚଳିତମାସ ୭ରୁ ୯ ତାରିଖ ପର୍ଯ୍ୟନ୍ତ ରାଜନଗର ବ୍ଲକର ନଳିତାପାଟିଆ ଠାରେ ଭିତରକନିକା ମହୋତ୍ସବ ଅନୁଷ୍ଠିତ ହେବ। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ମହୋତ୍ସବ ସ୍ଥଳୀରେ ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନର ବିକାଶ ହେଲେ ଅଞ୍ଚଳର ବିକାଶ ହେବ। ଭିତରକନିକା ରାଜନଗର ପାଇଁ ବରଦାନ। ପର୍ଯ୍ୟଟନ ଅର୍ଥନୀତିର ମୂଳପିଣ୍ଡ। ସିଙ୍ଗାପୁର, ଥାଇଲାଣ୍ଡ, ଛୋଟ ଛୋଟ ଦେଶ କେବଳ ପର୍ଯ୍ୟଟନ ପାଇଁ ଧନୀ ରାଷ୍ଟ୍ର ଭାବେ ପରିଗଣିତ। ଭିତରକନିକାର ବିକାଶ ସହିତ ଏହାର ସୁରକ୍ଷା ଜରୁରୀ। ଭିତରକନିକା ମହୋତ୍ସବରୁ ରାଜନଗର ପଟ୍ଟାମୁଣ୍ଡାଇ ବିକାଶ ଆରମ୍ଭ ହେବ।



ଭିତରକନିକା ମହୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଧାୟକ ଓ ଅନ୍ୟମାନେ।

ରାଜନଗର କେନ୍ଦ୍ରାପଡା ବିକାଶର ଅଗ୍ରଦୂତ ହେବ ବୋଲି ବିଧାୟକ କହିବା ସହିତ ଏହାର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ବୈଠକରେ ଡିଏଫଓ ବିକାଶ ରଞ୍ଜନ ଦାଶ, ବିଡ଼ିଓ ମନ୍ଦରଧର ମହାଳିକ ,ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ , ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ,ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକ , ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ , ଓଡିଶା ଜୀବିକା ମିଶନର ରଶ୍ମି ରଞ୍ଜନ ଦାଶ ପ୍ରମୁଖ ମହୋତ୍ସବର ରୂପରେଖ ସମ୍ପର୍କରେ କହିବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିବେଦନ କରିଥିଲେ। ଭିତରକନିକା ମହୋତ୍ସବକୁ ଇଣ୍ଟର ନ୍ୟାଶନାଲ ବ୍ରାଣ୍ଡ ଭାବେ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରସ୍ତୁତି ବୈଠକରେ ଡାଙ୍ଗମାଳ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ବିଲିକନା ସରପଞ୍ଚ ବିଜୟ କୁମାର ରାଉତ, ଯୁବନେତା ଲକ୍ଷ୍ମୀଧର ରାଉତ, କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ପଟ୍ଟାମୁଣ୍ଡାଇ ବ୍ଲକର ସୁରେଶ ଚନ୍ଦ୍ର ପଣ୍ଡା, ସୁକନ ସାହୁ, କିଶୋର ଚନ୍ଦ୍ର ସାହୁ, ଯୁବନେତା ମିଟୁ ମନୋଜ ନାୟକ, ଜଗନ୍ନାଥ ଦାସ, ଅକ୍ଷୟ କୁମାର ସାହୁ, ଉପେନ୍ଦ୍ର ନାଥ ସ୍ୱାଇଁ, ପୂର୍ଣଚନ୍ଦ୍ର ପଢିହାରୀ,ବରିଷ୍ଠ ଭାଜପା ନେତା ବିଜୟ କୁମାର ନାୟକ, ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ଦାସ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ଜଗବନ୍ଧୁ ନାୟକ, ପ୍ରାଧାପକ ଅତୁଳ ବଳ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ।

## କାର୍ ଦୁର୍ଘଟଣାରେ ଯୁବକ ମୃତ

**ପଟ୍ଟାମୁଣ୍ଡାଇ, ୨।୨ (ସ୍ୱ.ପ୍ର)**




ଦୁର୍ଘଟଣାଗ୍ରସ୍ତ କାର୍।

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ତରଡିପାଳ ଗ୍ରାମର ଶ୍ରୀନିବାସ ସାହୁ (୨୭)ଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ରବିବାର ସକାଳେ ଶ୍ରୀନିବାସଙ୍କ ସହିତ ତାଙ୍କ ପଡୋଶୀ ପ୍ରକାଶ ନାଥଶର୍ମା ଏକ ମାରୁତି କାର୍ (ନଂ–ଓଡି୦୨ଏଜି୯୩୫୨)ରେ ବରୀ ଯାଇଥିଲେ । ଅପରାହ୍ନ ୧ଟାରେ ବରୀରୁ ଘରକୁ ଫେରୁଥିବା ବେଳେ ତରଡିପାଳ ମାଳତିଦେବୀ ବାଳିକା ହାଇସ୍କୁଲ ନିକଟରେ ଚାଳକ କୌଣସି କାରଣରୁ ଭାରସାମ୍ୟ ହରାଇ କାରକୁ ରାସ୍ତା କଡ ଏକ ଗଛରେ ଖୁବ୍ ଜୋର୍‌ରେ ପିଟି ଦେଇଥିଲେ । ଫଳରେ କାର୍‌ରେ ଥିବା ଦୁଇ ଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ଶ୍ରୀନିବାସଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଆହତ କାର୍ ଚାଳକ ପ୍ରକାଶଙ୍କୁ କଟକ ବଡ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି ।

# ପଞ୍ଚାୟତସ୍ତରୀୟ ଶିଶୁମେଳା ଉଦ୍‌ଯାପିତ

**ମାର୍ଶାଘାଇ,୨।୨(ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ କୁହୁଡି ଗ୍ରାମ ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ ଶିଶୁମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଶୁମେଳା କମିଟିର ସ୍ଥାୟୀ ସଭାପତି ଅବସରପ୍ରାପ୍ତ ଡାକ୍ତର ବୈଷ୍ଣବ ଚରଣ ପରିଡା ସଭାପତିତ୍ୱ କରିଥିଲେ । ଶିଶୁମେଳାରେ ମୁଖ୍ୟଅତିଥି ଭାବେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଳତା ପରିଡା ଓ ସାମାଜିକ କର୍ମୀ ଭକ୍ତଚରଣ ମଲ୍ଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିଶୁ ହସିଲେ ଦେଶ ହସେ ବୋଲି କହିବା ସହ ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଭଜକୃଷ୍ଣ ରାଉତ, ଶିଶୁମେଳା କମିଟି ସଂପାଦିକା ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ସମିତି ସଭ୍ୟ ଅମର ବିକ୍ରମ ପରିଡା,ପୂର୍ବତନ ଜିଲା ପରିଷଦ ସଦସ୍ୟା ଭାରତୀ ଦଳାଇ, ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଂପାଦକ ସୁଶାନ୍ତ କୁମାର ବେଉରା,



ଶିଶୁମେଳାରେ ଉପସ୍ଥିତ ଅତିଥିମାନେ।

ପ୍ରଭଞ୍ଜନ ପଟ୍ଟନାୟକ,ଦିବାକର ପ୍ରଧାନ,ଓଷ୍ଟା ଶିକ୍ଷକସଂଘର ବ୍ଲକ ସଂପାଦକ ଭଗବାନ ସାହୁ, ସିଆରସିସି ଅମରେନ୍ଦ୍ର ଲେଙ୍କା,ପୂର୍ବତନ ସିଆରସିସି ଦେବେନ୍ଦ୍ରନାଥ ଦାସ, ଉମାକାନ୍ତ ଦାସ,ସୁବାସ ଚନ୍ଦ୍ର ପାଣି ଯୋଗ ଦେଇଥିଲେ। ଶିଶୁମେଳା କମିଟି କାର୍ଯ୍ୟକାରୀ ସଭାପତି ଅରବିନ୍ଦ ପରିଡା ମଞ୍ଚ ପରିଚାଳନା କରିଥିଲେ । ୱାର୍ଡ ସଭ୍ୟ ସଞ୍ଜୟ ଦାସ, ବିଶ୍ୱପ୍ରକାଶ ଦାସ, ଅଜୟ ଦାସ, ଦେବଦତ୍ତ ମଲିକ, ଜ୍ଞାନେନ୍ଦ୍ର ଦାସଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କୁହୁଡି ପଞ୍ଚାୟତର ସମସ୍ତ ପ୍ରାଥମିକ,ଉଚ୍ଚ ପ୍ରାଥମିକ , ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ବକ୍ତୃତା, ଏକକ ଅଭିନୟ ପ୍ରତିଯୋଗିତା କରାଯାଇଥିଲା। ସୁବ୍ରତ କୁମାର ରାଉତ,କଣ୍ଠଶିଳ୍ପୀ ଜୟଶ୍ରୀ ପତି, ବିଚିତ୍ର ନାୟକ ବିଚାରକ ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନାଏବ ସରପଞ୍ଚ ବିଶ୍ୱରଞ୍ଜନ ପରିଡା ଧନ୍ୟବାଦ ଦେଇଥିଲେ।

## ଗହୀରମଥାରୁ ୧୦ ପଶ୍ଚିମବଙ୍ଗ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୨।୨(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଅଗରନାସୀ ଠାରୁ ୧୦ କିମି ସମୁଦ୍ର ଭିତରେ ବେଆଇନ ଭାବେ ମାଛ ମାରୁଥିବା ପଶ୍ଚିମବଙ୍ଗର ଏକ ଟ୍ରଲରକୁ ଶନିବାର ବନବିଭାଗ ପାଟ୍ରୋଲିଂ ଟିମ୍ ଜବତ କରିଛି। ଟ୍ରଲରରେ ଥିବା ପଶ୍ଚିମବଙ୍ଗର ମେଦିନାପୁର ଓ ଚିବିଶପ୍ରଗଣା ଅଞ୍ଚଳର ମତ୍ସ୍ୟଜୀବୀ ସୁପ୍ରକାଶ ବର, ସପନ ଜାନା, ହୃଷୀକେଶ ବରାଇ, ହରେନ୍ଦ୍ରନାଥ ବର, ଅରୁଣ କୁମାର ବର, ବରୁଣ ମାଇତି, ହଟେଶ୍ୱର ବର, ଅନିମେଶ ପଣ୍ଡା, ବାସରୀ ମଣ୍ଡଳ, ପବିତ୍ର ବରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୧୯ କୁଇଣ୍ଟାଲ ମାଛ ,ଫିସି ଫାଇଣ୍ଡର, ଜିପିଏସ ଓ ଭିଏଚଏଫ ଜବତ କରାଯାଇଛି।

## ତରଡିପାଳ ହାଇସ୍କୁଲରେ ଆର୍ଥିକ ଅନିୟମିତତା ଅଭିଯୋଗ

**ପଟ୍ଟାମୁଣ୍ଡାଇ,୨।୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ତରଡିପାଳ ହାଇସ୍କୁଲରେ ବିଭିନ୍ନ ଆର୍ଥିକ ଅନିୟମିତତା ଓ ହେରଫେରକୁ ନେଇ ଗ୍ରାମବାସୀ ମୁହଁ ଖୋଲିଛନ୍ତି । ହାଇସ୍କୁଲକୁ ଆସୁଥିବା ବିଭିନ୍ନ ଆର୍ଥିକ ଅନୁଦାନର ସଦ୍‌ବିନିଯୋଗ ହୋଇ ନ ଥିବା ବେଳେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ମିଶନ୍ (ରାମ୍‌ସା) ଅର୍ଥ ଓ ପ୍ରତିବର୍ଷ ଶିକ୍ଷାବିଭାଗରୁ ବିଦ୍ୟାଳୟ ମରାମତି ପାଇଁ ଆସୁଥିବା ଅର୍ଥର ହିସାବ ନ ଥିବା ଦର୍ଶାଇ ଗ୍ରାମବାସୀ ତଦନ୍ତ ଦାବି କରିଛନ୍ତି । ଏହାର ବିଧିବଦ୍ଧ ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ସରକାରଙ୍କ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ପୁରାତନ ଛାତ୍ରମାନେ ପ୍ରଦାନ କରିଥିବା ୨୦ ହଜାର ଟଙ୍କା ଏ ପର୍ଯ୍ୟନ୍ତ ବ୍ୟାଙ୍କରେ ପଇଠ ହୋଇନାହିଁ । ଅଭିଭାବକ ବୈଠକ, ସ୍କୁଲ କମିଟି ବୈଠକ ଓ ମୋ ସ୍କୁଲ ବୈଠକ ଡକାଯାଉନାହିଁ । ହାଇସ୍କୁଲର କୌଣସି ଖର୍ଚ୍ଚର ହିସାବ ମଧ ଦିଆଯାଉନାହିଁ । ତରଡିପାଳ ପଞ୍ଚାୟତର ସରପଞ୍ଚ ପ୍ରିୟଦର୍ଶିନୀ ତରାଇ, ବରିଷ୍ଠ ନେତା ଦେବେନ୍ଦ୍ର ଚନ୍ଦ୍ର ବିଶ୍ୱାଳ, ଅଶୋକ କୁମାର ବିଶ୍ୱାଳ, ସଚ୍ଚିଦାନନ୍ଦ ବିଶ୍ୱାଳ, ନନ୍ଦକିଶୋର ଧଳ, ସୁକାନ୍ତି ନାଥଶର୍ମା, ପର୍ଶୁରାମ ନାଥଶର୍ମା, ରାଜକିଶୋର ବିଶ୍ୱାଳ, ପ୍ରଜ୍ଞା ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ଏହି ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ଗତ ୨୭ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଥିଲେ । ଫଳରେ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାମନ୍ତରାୟ ଓ ଏବିଇଓ ଚନ୍ଦ୍ରଭାନୁ ମଲ୍ଲିକ ଶୁକ୍ରବାର ସ୍କୁଲକୁ ଯାଇ ଆର୍ଥିକ ଖର୍ଚ୍ଚର ହିସାବ ତଦାରଖ କରିଥିଲେ । ମାତ୍ର ୨ ଅଧିକାରୀ କୌଣସି ତଥ୍ୟ ପାଇ ନ ଥିଲେ। ଖୁବଶୀଘ୍ର କାଗଜପତ୍ରର ତଦାରଖ କରି ବିହିତ ପଦକ୍ଷେପ ନେବୁ ବୋଲି ସେମାନେ ଗ୍ରାମବାସୀଙ୍କୁ କହିଥିଲେ ହେଁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

# ଷ୍ଟେଟ ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନ




ଆନ୍ଦୋଳନରତ ବ୍ୟାଙ୍କ କର୍ମଚାରୀ।

**କେନ୍ଦ୍ରାପଡା ଅଫିସ, ୨।୨**

ସହରର ମେଡିକାଲ ଛକସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ କେନ୍ଦ୍ରାପଡା ସହରରେ ଥିବା ସମସ୍ତ ଜାତୀୟକରଣ ବ୍ୟାଙ୍କ ଶାଖା କର୍ମଚାରୀମାନେ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଆନ୍ଦୋଳନ କରିଥିଲେ। ଏହି ସମୟରେ ସମସ୍ତ ବ୍ୟାଙ୍କ ଶାଖା ବନ୍ଦ ରହିଥିଲା । ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନସ (ୟୁଏଫବିୟୁ)ର ଆବାହକ ସ୍ୱାଧୀନ କୁମାର ଦାଶ ଏନେଇ ପ୍ରକାଶ କରିଛନ୍ତି ଯେ, ଗତ ୨୦୧୭ ମସିହାରୁ ବ୍ୟାଙ୍କ କର୍ମଚାରୀଙ୍କ ଦରମା ବୃଦ୍ଧି ହୋଇନାହିଁ । ଏଥିସହିତ ଦରମା ଓ ପେନସନ ବୃଦ୍ଧି, କାର୍ଯ୍ୟ ସମୟକୁ ନିର୍ଦ୍ଧାରିତ କରିବା, ସବୁ ଶନିବାର ବ୍ୟାଙ୍କ ବନ୍ଦ ରହିବା ଆଦି ୧୨ ଦାବି ଉପସ୍ଥାପନା କରାଯାଇଛି।

# ବାଲିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପାରିନୂଆପଡ଼ା ଚାମ୍ପିୟନ

**କେନ୍ଦ୍ରାପଡା ଅଫିସ, ୨।୨**




ବିଜେତା ଦଳ।

କେନ୍ଦ୍ରାପଡା ବ୍ଲକ ବାଲିଆ ମହିଳା କଲେଜ ପରିସରରେ ବାଲିଆ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଏଥିରେ ରାଜକନିକାର ପାରିନୂଆପଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କେନ୍ଦ୍ରାପଡା ବାଲାବାବା କ୍ରିକେଟ କ୍ଲବ ଓ ପାରି ନୂଆପଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲାବାବା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୨୪ରନ କରିଥିଲା । ଜବାବରେ ପାରିନୂଆପଡା କ୍ରିକେଟ କ୍ଲବ ୧୯ ଓଭର ୧ଟି ବଲରେ ୨୨୫ରନ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି । ବାପୁଜୀ ମଲ୍ଲିକ ଓ ଭୂବନ କୁମାର ମଲ୍ଲିକ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ। ବାଲିଆ ବଜାର କମିଟି ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଭାଗବତପୁର ସରପଞ୍ଚ ଧରଣୀଧର ଦାସ, ସାମାଜିକ କର୍ମୀ ପଞ୍ଚାନନ ଶତପଥୀ, ସୁଧୀର କୁମାର ଦାସ, ଡା. ପୁରୁଷୋତ୍ତମ ସାହୁ, ଜିତେନ୍ଦ୍ର କୁମାର ପାଗଳ, ଅନନ୍ତ କୁମାର ସାହୁ, ଅଜୟ କୁମାର ମଲ୍ଲିକ, ନରେଶ ଚନ୍ଦ୍ର ପତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଚାମ୍ପିୟନ କ୍ଲବକୁ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସଅପ କପ ବାଲାବାବା କ୍ରିକେଟ କ୍ଲବକୁ ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଆସୋସିଏଶନ କର୍ମକର୍ତ୍ତା ପ୍ରକାଶ ରାଉତ, ବାପୁଜି ଦାସ, ହୃଷିକେଶ ବେହେରା, ବିଶ୍ୱ ବିଜୟ ଭଦ୍ର, ସୁଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୩/୨୦୨୦ Bhubaneswar, Monday, February 3/2020

## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ ୭୦ ହଜାର ଲୁଟ୍

**ବଡ଼ସାହି,୨।୨(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବଡ଼ସାହି-ମାଣଡ୍ରୀ ରାସ୍ତାର ଅଙ୍ଗାରୀ ନିକଟରେ ଶନିବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ବଡ଼ସାହି ଥାନା ଅଧୀନ ଖଳିତକ ଗ୍ରାମର ମନୋଜ ପାଣିଗ୍ରାହୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୭/୨୦) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଯାତ୍ରା ଦରବାର ମାଲିକଙ୍କ ଭାଇ ମନୋଜ ଓ ମ୍ୟାନେଜର ମିଥୁନ ଉପାଧ୍ୟାୟ ଏକ ବାଇକ୍‌ରେ ଖୁଣ୍ଟା ଥାନା ଭୋଳାଗଡିଆ ଗ୍ରାମରେ ଚାଲିଥିବା ଯାତ୍ରା ପଡ଼ିଆକୁ ଯାଉଥିଲେ। ରାତି ପ୍ରାୟ ୧୨ଟା ବେଳେ ପଛପଟୁ ଏକ ସ୍କୁଟିରେ ଦୁଇଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଅଟକାଇବା ସହିତ ମାରଣାସ୍ତ୍ର ଦେଖାଇ ମାଡ଼ ମାରିଥିଲେ। ଭୁଜାଲି ଓ ବନ୍ଧୁକ ସାହାଯ୍ୟରେ ମାଡ଼ ମାରିବା ପରେ ସେମାନଙ୍କ ପାଖରେ ଥିବା ୭୦ ହଜାର ଟଙ୍କା ଛଡ଼ାଇ ନେଇ ପଳାଇ ଯାଇଥିଲେ। କୌଣସି ପ୍ରକାରେ ସେମାନେ ବଡ଼ସାହି ଡାକ୍ତରଖାନାକୁ ଯାଇଥିଲେ। ସେଠାରୁ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୁସ୍ଥ ହୋଇ ଫେରିବା ପରେ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସ୍କୁଟିରେ ଆସି ଦୁର୍ବୃତ୍ତ ଲୁଟ୍ କରିବା ନେଇ ସନ୍ଦେହ ପ୍ରକାଶ ପାଇଥିବାବେଳେ ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି ଆଇଆଇସି ଜୟନ୍ତ ବେହେରା ସୂଚନା ଦେଇଛନ୍ତି।

### ରୋଗ ଯନ୍ତ୍ରଣା ସହି ନ ପାରି ବିଷ ପିଇଲେ ମହିଳା

**ବଡ଼ସାହି,୨।୨(ସ୍ୱ.ପ୍ର):** ଦୀର୍ଘଦିନ ଧରି ରୋଗରେ ଆକ୍ରାନ୍ତ ହୋଇଥିବା ମହିଳା ଜଣକ ବିଷପିଇ ମୃତ୍ୟୁବରଣ କରିଛନ୍ତି । ମହିଳା ଜଣକ ହେଲେ ବଡ଼ସାହି ଥାନା ଅଧୀନ ବଣତାଳପଦା ଗ୍ରାମର ଜୁଇମଣି ବେହେରା(୫୫)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି । ପୋଲିସ ସୂତ୍ରରୁ ପ୍ରକାଶ, ଜୁଇମଣି ଦୀର୍ଘ ଦିନ ଧରି ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପିଡିତ ଥିଲେ । ଆର୍ଥିକ ସ୍ଥିତି ଠିକ ନ ଥିବାରୁ ଚିକିତ୍ସା ବାଧକ ସାଜିଥିଲା। ରୋଗ ଯନ୍ତ୍ରଣା ସହି ନ ପାରି ଶେଷରେ ଶନିବାର ବିଳମ୍ବିତ ରାତିରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକ ଜାଣିବା ପରେ ତାଙ୍କୁ ବାରିପଦା ପିଆର୍‌ଏମ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଚିକିତ୍ସାରେ ଅର୍ଥ ବାଧକ ପାଇଁ ଜୁଇମଣିଙ୍କ ମୃତ୍ୟୁ ଘଟିଥିବାରୁ ଗ୍ରାମାଞ୍ଚଳରେ ବିଜୁ ସ୍ୱାସ୍ଥ୍ୟ ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୨ ଟ୍ରକ୍ ମୁହାଁମୁହିଁ: ୨ ମୃତ

**କେନ୍ଦୁଝର/ଢେଙ୍କିକୋଟ, ୨।୨ (ଡି.ଏନ୍.ଏ./ସ୍ୱ.ପ୍ର./ଡି.ଏନ.ଏ.)**


ଦୁର୍ଘଟଣାଗ୍ରସ୍ତ ଦୁଇ ଟ୍ରକ୍।

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ଗୋପାଳପୁର ନିକଟରେ ଦୁଇଟି ଟ୍ରକ୍ ମୁହାଁମୁହିଁ ହେବା ଫଳରେ ଘଟଣାସ୍ଥଳରେ ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିଆ ଥାନା ପୋଡ଼ାଶିମୁନା ଗ୍ରାମର ଡ୍ରାଇଭର ଶାନ୍ତନୁ କୁମାର ନାଏକ ଏବଂ ଅନ୍ୟ ଜଣେ ହେଲେ ଜଗତ୍‌ସିଂହପୁର ଜିଲା କାଆଁସ ଗ୍ରାମର ବିଚିତ୍ର କୁମାର ସାହୁ। ଦୁର୍ଘଟଣା ପରେ ଦୀର୍ଘ ୧୦ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହୋଇଥିଲା। କେନ୍ଦୁଝର ଜିଲାର ଲାଇଫ୍‌ଲାଇନ କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥ ଏବେ ପାଲଟିଛି ଡେଥ୍‌ଲାଇନ। କେନ୍ଦୁଝର ପଟୁ ଆଇରନ୍ ବୋଝେଇ ହୋଇ ଯାଉଥିବା ଏକ ଟ୍ରକ୍ ସହ କେନ୍ଦୁଝର ଆଡ଼କୁ କୋଇଲା ବୋଝେଇ ହୋଇ ଆସୁଥିବା ଅନ୍ୟ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଜଣଙ୍କର ମୃତଦେହ ଉଦ୍ଧାର କରିଥିବାବେଳେ ଆଉ ଜଣେ ଟ୍ରକ୍‌ରେ ଚାପିହୋଇ ରହିଯାଇଥିବାରୁ ଅଗ୍ନିଶମ ବାହିନୀ ଦୀର୍ଘ ୪ ଘଣ୍ଟା କାଳ ପରିଶ୍ରମ କରି କଟର ସାହାଯ୍ୟରେ ଟ୍ରକ୍‌କୁ କାଟି ତାଙ୍କୁ ଉଦ୍ଧାର କରିଛନ୍ତି। ଏହି ୨୦ନମ୍ବର ଏନ୍‌ଏଚ୍‌ରେ ଗତ ଚାରିଦିନ ମଧ୍ୟରେ ଦୁର୍ଘଟଣା ଘଟି ୭ ଜଣଙ୍କର ମୃତ୍ୟୁ ହେଲାଣି। ଏଠାରେ ସୂଚନାଯୋଗ୍ୟ ଯେ, ଏହି ୨୦ ନମ୍ବର ଜାତୀୟ ରାଜପଥ ଦୀର୍ଘବର୍ଷ ହେବ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିଲେ ମଧ୍ୟ ରାସ୍ତାକାମ ସମ୍ପୂର୍ଣ୍ଣ ପ୍ରତି ଦୃଷ୍ଟି ଦିଆ ନ ଯାଇ ଟୋଲ୍ ଆଦାୟ କରାଯାଉଛି। ଏହି ଅଧାପନ୍ତରିଆ ରାସ୍ତା ଯୋଗୁ ୨୦ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ ଓ ବାରମ୍ବାର ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନ ହାନି ଘଟୁଛି। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ବଳାତ୍କାର ଅଭିଯୁକ୍ତ ଅଟକ

**କେନ୍ଦୁଝର, ୨।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ସିଲିସୁଆଁ ଅଞ୍ଚଳରେ ଘଟିଥିବା ବୁଧବାର ଘଟିଥିବା ଏକ ବଳାତ୍କାର ଘଟଣାରେ ଜଣେ ବ୍ୟକ୍ତିକୁ ପୋଲିସ ଅଟକ ରଖି ପଚରା ଉଚରା ଜାରି ରଖିଛି। ପ୍ରକାଶ ଯେ, ଗତବୁଧବାର କୁଟୁଗାଁ ଅଞ୍ଚଳର ଜଣେ ମହିଳା ଝୁମ୍ପୁରା ହାଟକୁ ଯାଇ ଘରକୁ ଫେରୁଥିଲେ। ରାସ୍ତାରେ ଅରଡେଇ ନଦୀ ନିକଟ ଦେଇ ଯାଉଥିବା ବେଳେ ଅମରି ବୁଦାରେ ଛପିରହିଥିବା ଅଭିଯୁକ୍ତ ତାଙ୍କୁ ଅଟକାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ସେ ପାଟି କରିବାରୁ ତାଙ୍କ ତଣ୍ଟିକୁ ଚିପି ଚୁପ୍ କରିବାକୁ ଅଭିଯୁକ୍ତ ଜଣଙ୍କ ଉଦ୍ୟମ କରିଥିଲେ। ପାଟି ଶୁଣି ପାଖରେ ଯାଉଥିବା ଲୋକ ପହଞ୍ଚିବାରୁ ଅଭିଯୁକ୍ତ ଜଣଙ୍କ ଫେରାର ହୋଇଯାଇଥିଲେ। ମହିଳା ଜଣଙ୍କ ଗାଁରେ ପହଞ୍ଚି ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ଆସି ପଳାଶପଙ୍ଗା ବିଟ ହାଉସରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପାଇବାପରେ ବିଟହାଉସ ପୋଲିସ ଅଚାନକ ଚଢାଉକରିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସଦର ଥାନାରେ ଅଟକ ରଖାଯାଇ ପଚରାଉଚୁରା ଚାଲିଛି। ଏନେଇ ସଦର ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ କହିଛନ୍ତିଯେ, ଗତ ଶନିବାର ଉକ୍ତ ମହିଳାଙ୍କ ଏତଲା କ୍ରମେ ମାମଲା ରୁଜୁହୋଇଛି।

# ଜନସଚେତନତା ପଦଯାତ୍ରା


ପଦଯାତ୍ରାରେ ଭାଜପା କର୍ମୀ ଓ ନେତାମାନେ।

**ଏରସମା, ୨।୨ (ସ୍ୱ.ପ୍ର.)**

ଏରସମା ବ୍ଲକ ଅଧୀନ ନୂଆଡ଼ିହି ପଞ୍ଚାୟତଠାରେ ରବିବାର ଭାଜପା ପକ୍ଷରୁ ନାଗରିକତ୍ୱ ସଂଶାଧନ ଆଇନ (ସିଏଏ) ସମ୍ପର୍କିତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପାର ଏରସମା ମଣ୍ଡଳ ସଭାପତି ଜଟାଧାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ନେତା ଶିବବ୍ରତ ଦାସ, ଦଳର ପର୍ଯ୍ୟବେକ୍ଷକ ବାଇଧର ମଲ୍ଲିକ, ଗୋଡ଼ା ମଣ୍ଡଳ ସଭପତି କୃଷ୍ଣଚନ୍ଦ୍ର ଘଡ଼ାଇ, ଅମିତା ଦସ, ନୃସିଂହ ସାହୁ, ନିବାରଣ ନାୟକ, ରଘୁନାଥ ରାଉତ, ଜିତେନ ଜେନା, ସଦାଶିବ ବେଉରା ପ୍ରମୁଖ ଯୋଗଦେଇ ସିଏଏ ସପକ୍ଷରେ ଆଲୋଚନା କରିଥିଲେ। ଏହାପରେ ଦଳ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଦଳୀୟ କର୍ମୀମାନେ ପଞ୍ଚାୟତ ପରିକ୍ରମା କରି ପ୍ରଚାର ପତ୍ର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତାଙ୍କ ସମେତ କର୍ମୀମାନେ ଯୋଗଦେଇଥିଲେ।

# ପ୍ରତାପ ନଗରୀ ଚାମ୍ପିୟନ


ଟ୍ରଫି ସହ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବାଲିଆ, ୨।୨:** ବିରିଡି ବ୍ଲକ ଅଧୀନ ୨୨ ମୌଜା ମଇନ୍ଦପୁର-କମଳପୁର ଯୁବକ ସଂଘ ଆନୁକୁଲ୍ୟରେ ମଇନ୍ଦପୁର ଖେଳପଡ଼ିଆଠାରେ ଅନୁଷ୍ଠିତ ୨ ଦିନିଆ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରତାପନଗରୀ ଫୁଟବଲ୍ ଟିମ୍ ୧-୦ ଗୋଲରେ ଶଗଡ଼ିକୁ ପରାଜିତ କରି ଚଳିତବର୍ଷ ଚାମ୍ପିୟନ ହୋଇଛି। ସୁନୀଲ ପଟ୍ଟନାୟକ, ସ୍ମୃତିରଞ୍ଜନ ଭୋଇ, ଡି କାରୁଆ, ଏମ ମୁକିମ୍ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ବାରେଡିଆ, ଅରିଲୋ, ଦିଗି, ଗବସ୍ତ, ତଣ୍ଡିକଳା, ଆୟତପୁର, ପ୍ରତାପନଗରୀ ଧରୀଣା, ପୂରଣ, ଜଶପଡ଼ା, ବୋଧପୁର, ଅଡ଼ଶପୁର, କମଳପୁର, ଶଗଡ଼ି, ସାନତୋଳ, ବାଲିବନ୍ଧ ପ୍ରଭୃତି ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମଇନ୍ଦପୁର-କମଳପୁର ଯୁବକ ସଂଘ ଉପସଭାପତି ବିଶ୍ୱଜିତ ପଟ୍ଟନାୟକ ମୁଖ୍ୟଅତିଥି, କ୍ରିଡା ସମ୍ପାଦକ ସତ୍ୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସୌମ୍ୟରଞ୍ଜନ ସ୍ୱାଇଁ, ସୁମନ୍ତ ଭୋଇ, ସନ୍ଦୀପ ଭୋଇ, ତରୁଣ, କାଳିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସେମିଫାଇନାଲରେ କ୍ରାଉନ୍ ସ୍ପୋର୍ଟିଂ

**ଜଗତ୍‌ସିଂହପୁର ଅଫିସ୍, ୨।୨:** ସ୍ଥାନୀୟ ନବାପାଟଣାଠାରେ ୨୯ତମ ଯୁଗଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଘାଟିତ ହୋଇଛି। ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସିଂହାରପୁର ପଞ୍ଚାୟତ ସମିତି ସଭ୍ୟ ଧୀରେନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଭୁବନେଶ୍ୱରର ଦୁଇ ଦଳ ରେଡ୍ ଷ୍ଟାର୍ କ୍ଲବ ଓ କ୍ରାଉନ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଡ୍ ଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୬.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ୍ କରିଥିଲା। କ୍ରାଉନ୍ ଟିମ୍ ୧୯.୪ ଓଭରରେ ୪ ଉଇକେଟ୍ ବିନିମୟରେ ୧୦୨ ରନ୍ କରି ବିଜୟୀ ହେବା ସହ ସେମଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ଜୟନ୍ତ ଦାସ ଓ ସଞ୍ଜୀବ ବେହେରା ପରିଚାଳନା କରିଥିଲେ।

**୨୯ତମ ଯୁଗଜ୍ୟୋତି କ୍ରିକେଟ**

# ବୈଷ୍ଣବ ସାମଲ ପାଇବେ ବାଲିଘର ସାହିତ୍ୟ ସମ୍ମାନ

**ତିର୍ତ୍ତୋଲ, ୨।୨ (ଡି.ଏନ୍.ଏ.)**

ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ଶିଶୁ ସାହିତ୍ୟ ପତ୍ରିକା ବାଲିଘରର ୩୦ତମ ବର୍ଷକୋତ୍ସବ ଆସନ୍ତା ୯ତାରିଖରେ ପଣ୍ଡୁଆ ପଞ୍ଚାୟତ ମୁଣ୍ଡିଦା ଗ୍ରାମସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଉତ୍ସବରେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କୃତ ଲେଖକ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ବାଲିଘର ସାହିତ୍ୟ ସମ୍ମାନ-୨୦୨୦ ପ୍ରଦାନ କରାଯିବ। ଏଥିସହ ବିଶିଷ୍ଟ ଶିଶୁ ସାହିତ୍ୟିକ ନଦିୟା ବିହାରୀ ମହାନ୍ତିଙ୍କୁ ବାଲିଘର ଶିଶୁ ସାହିତ୍ୟ ସମ୍ମାନ, ସାହିତ୍ୟିକ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ବାଲିଘର ସାରସ୍ୱତ ସମ୍ମାନ, କବି ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ ବାଲିଘର କବିତା ସମ୍ମାନ, ଗାଳ୍ପିକ ରବି ପଣ୍ଡାଙ୍କୁ ବାଲିଘର ଗଳ୍ପ ସମ୍ମାନ, ପ୍ରାବନ୍ଧିକ ବୈକୁଣ୍ଠନାଥ ମିଶ୍ରଙ୍କୁ ବାଲିଘର ପ୍ରବନ୍ଧ ସମ୍ମାନ, ଡ. ବିଜୟ କୁମାର ମିଶ୍ରଙ୍କୁ ବାଲିଘର ସେବା ସମ୍ମାନ, ଶିକ୍ଷୟିତ୍ରୀ ଅନିନ୍ଦିତା ମିଶ୍ରଙ୍କୁ ବାଲିଘର ଯୁବ ସମାଜସେବା ସମ୍ମାନ-୨୦୨୦ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ଗୀତିକାର ପ୍ରହ୍ଲାଦ ମଲ୍ଲିକ, କବି ସଚ୍ଚିଦାନନ୍ଦ ମିଶ୍ର, ସାହିତ୍ୟିକ ହେମନ୍ତ କୁମାର ରାଉତ, ସୁସାହିତ୍ୟିକ ମୃତ୍ୟୁଞ୍ଜୟ ସାମଲ, ଖବରଦାତା ସନ୍ଦୀପ ରାଉତ, ସାହିତ୍ୟିକ ତଥା କୃଷି ବିଜ୍ଞାନୀ ଇଂ. ଅରବିନ୍ଦ ଧଳ, ଡ. ପୁଷ୍ପିତା ଜେନା, ସାରସ୍ୱତ ପ୍ରତିଭା ମୃତ୍ୟୁଞ୍ଜୟ ସାମଲ ଓ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ବାଲିଘର ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଉତ୍ସବକୁ ବରିଷ୍ଠ ରାଜନିତୀଜ୍ଞ ତଥା ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ଅନୁଷ୍ଠାନ ତରଫରୁ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ବାଲିଘର ବାର୍ଷିକ ସଂଖ୍ୟା ଉନ୍ମୋଚନ, ସମ୍ବର୍ଦ୍ଧନା ପର୍ବ, ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

# ପେଟ୍ରୋଲିୟମ ସଂରକ୍ଷଣ ସଚେତନତା ଶୋଭାଯାତ୍ରା


ସଂରକ୍ଷଣ ମହୋତ୍ସବ ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

**ଜଗତ୍‌ସିଂହପୁର ଅଫିସ, ୨।୨**

ଜିଲା ମୁଖ୍ୟାଳୟରେ ରବିବାର ସଂରକ୍ଷଣ ମହୋତ୍ସବ-୨୦୨୦ର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ପେଟ୍ରୋଲିୟମଜାତ ଦ୍ରବ୍ୟର ଅପବ୍ୟବହାର ରୋକିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶୋଭାଯାତ୍ରା ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ନିକଟରୁ ବାହାରି ବସ୍ ଷ୍ଟପ୍ ପର୍ଯ୍ୟନ୍ତ ଯାଇ ପୁଣି ଫେରିଥିଲା। ଶ୍ରୀକୃଷ୍ଣ ଏକାଡେମୀଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଓସିଏଲ୍‌ର ସିଜିଏମ୍ ଏସ୍. ଶେଖର ଯୋଗଦେଇ କହିଥିଲେ, ସମ୍ପ୍ରତି ପେଟ୍ରୋଲଜାତ ଦ୍ରବ୍ୟର ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏ ବାବଦରେ ଲୋକେ ସଚେତନ ହେବା ଜରୁରୀ। ସରକାରୀସ୍ତରରେ ପେଟ୍ରୋଲଜାତ ଦ୍ରବ୍ୟର ଅପବ୍ୟବହାର ରୋକିବା ପାଇଁ ପରିବହନଠାରୁ ଶିଳ୍ପ, କୃଷି ଏବଂ ଘରୋଇ କ୍ଷେତ୍ରରେ ପଦକ୍ଷେପ ନିଆଯାଉଛି। ବ୍ୟାପକ ସଚେତନତା ସୃଷ୍ଟି ହେଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଆଜିଠାରୁ ଇନ୍ଧନ ସଂରକ୍ଷଣ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏଚ୍‌ପିସିଏଲ୍‌ର ଏଜିଏମ୍ ଶ୍ୟାମ ମନୋହର ଗୁପ୍ତା, ଆଇଓସିଏଲ୍‌ର ବିଜୟ ଦାଶ, ଧର୍ମେଶ ଚୌଧୁରୀ, ଜି. କେ. ସାହୁ ଓ ବି. ଶର୍ମାଙ୍କ ସମେତ ବିଭିନ୍ନ ତୈଳ ଉଦ୍ୟୋଗଗୁଡିକର ଡିଲର, ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟରମାନେ ଯୋଗ ଦେଇଥିଲେ।




# ଜୈବିକ ପଦ୍ଧତିରେ ବିନା ମାଟିରେ ଘାସ ଚାଷ

**ରଘୁନାଥପୁର, ୨।୨(ଡି.ଏନ୍.ଏ.)**




- ୧୦ ଦିନରେ ସଫଳତା ପାଇଲେ ଚାଷୀ
- ଗାଈଙ୍କ ପାଇଁ ସର୍ବୋତ୍କୃଷ୍ଟ ଆହାର
- କମ ଖର୍ଚ୍ଚ କରି ଅଧିକ ଲାଭବାନ

ସବୁଜ ଘାସ ଗାଈଙ୍କ ପାଇଁ ପୁଷ୍ଟିବର୍ଦ୍ଧକ। ଜଗତ୍‌ସିଂହପୁର ଜିଲାରେ ସର୍ବାଧିକ ଗୋପାଳନ ହେଉଥିବାବେଳେ ଅବିଭକ୍ତ କଟକ ଜିଲାରେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନରେ ରହିଛି। ତେବେ ଆବଶ୍ୟକ ଚାରଣ ଭୂମିର ଅଭାବ ଯୋଗୁ ଦୁଗ୍ଧ ଚାଷୀମାନେ ସବୁଜ ଘାସ ନ ପାଇ ଗୋଖାଦ୍ୟ ଉପରେ ନିର୍ଭର କରିଥାନ୍ତି। ଫଳରେ ଅଧିକ ଖର୍ଚ୍ଚାନ୍ତ ହୋଇ ଦୁଗ୍ଧ ଚାଷ ପ୍ରତି ଚାଷୀଙ୍କ ଆସ୍ଥା ତୁଟିଯାଇଛି। ଏହି ପରିପ୍ରେକ୍ଷୀରେ ଜୈବିକ ପଦ୍ଧତିରେ ବିନା ମାଟିରେ ଘାସ ଚାଷ କରି ମାତ୍ର ୧୦ ଦିନରେ ସଫଳତା ପାଇଛନ୍ତି ରଘୁନାଥପୁର ବ୍ଲକ ରେଢୁଆ ଲାଲ (ଲିଭ୍ ଆଣ୍ଡ ଲେଟଲିଭ)ର ସମ୍ପାଦକ ତଥା ସଫଳ ଚାଷୀ କ୍ଷେତ୍ରମୋହନ ବେହେରା। ରବିବାର ନାବାର୍ଡ ଡିଡିଏମ୍‌ଙ୍କ ଉପସ୍ଥିତିରେ ଉପସ୍ଥିତ ଚାଷୀଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ବେହେରା। ଦେଶୀ ମିଶା ଜର୍ସି, ପିଅର ଜର୍ସି, ସିନ୍ଧି ଓ ହଲଷ୍ଟନ ଗାଈଙ୍କ ଆହାର ପାଇଁ ଏହି ଘାସ ସର୍ବୋତ୍କୃଷ୍ଟ। ଜଣେ ଦୁଗ୍ଧ ଚାଷୀ ଯଦି ନିୟମିତ ଭାବେ ଗାଈଙ୍କୁ ଘାସ ଖାଇବାକୁ ଦିଅନ୍ତି ତାହା ହେଲେ ଦାନା, ଚୋକଡ ଓ କୁଣ୍ଡାରେ ଦୈନିକ ଖର୍ଚ୍ଚାନ୍ତ ହେଉଥିବା ମୂଲ୍ୟର ୫୦ ପ୍ରତିଶତ କମିଯିବ, ଅଧିକ ଦୁଗ୍ଧ ଉତ୍ପାଦନ ହୋଇପାରିବ ବୋଲି ସମ୍ପାଦକ ବେହେରା କହିଥିଲେ। ସେ ଏ ସମ୍ପର୍କରେ ଏକ ୨ ବର୍ଗଫୁଟ ପ୍ଲାଷ୍ଟିକ ଟ୍ରେ ସାହାର୍ଯ୍ୟରେ ଏକ କେଜି ମକା ଦାନା ବ୍ୟବହାର କରି ମାତ୍ର ୭ରୁ ୧୦ ଦିନ ମଧ୍ୟରେ ୧୦ କିଗ୍ରା ଘାସ ଉତ୍ପାଦନ କରିଥିବା ପ୍ରକାଶ କରିଥିଲେ। ଏଥିପାଇଁ ବିଭିନ୍ନ ପ୍ରକ୍ରିୟାରେ ୩୦ ଟଙ୍କା ଖର୍ଚ୍ଚ ହେଉଛି। ଜଣେ ବ୍ୟକ୍ତି ଚାହିଁଲେ ଚାହିଦା ମୁତାବକ ଘାସ ଦୋକାନ କରି ଏଥିରୁ ଲାଭବାନ ହୋଇପାରିବ ବୋଲି ବେହେରା ଦାବି କରିଥିଲେ। ଉପକୂଳବର୍ତ୍ତୀ ଅଞ୍ଚଳର ଗାଁଗୁଡିକରେ ୭୦ ପ୍ରତିଶତ ପରିବାରରେ ଗୋପାଳନ ଥିବାବେଳେ ଏହି ଘାସ କମ୍ ଖର୍ଚ୍ଚରେ ନିଶ୍ଚିତ ଭାବେ ଚାହିଦା ମେଣ୍ଟାଇ ପାରିବ ବୋଲି ଉପସ୍ଥିତ ଚାଷୀଙ୍କୁ ବେହେରା ପରାମର୍ଶ ଦେଇଥିଲେ। ସାଧାରଣ ଦୁଗ୍ଧଚାଷୀଙ୍କ ଆବଶ୍ୟକତାକୁ ଅନୁଭବ କରି ସରକାର ଯଦି ଏଥିପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଅନ୍ତି ତାହାହେଲେ ଗୋପାଳନ ପ୍ରତି ଲୋକଙ୍କର ଆନ୍ତରିକ ପ୍ରକାଶ ପାଆନ୍ତା ବୋଲି କୋରାପୁଟ ପାତ୍ରପୁର ଅଲଣାହାଟ ଅଞ୍ଚଳରେ ଜୈବିକ ପଦ୍ଧତିରେ ଚାଷକରି ଦକ୍ଷତା ଅର୍ଜନ କରିଥିବା ସଫଳ ଚାଷୀ ନେତ୍ରାନନ୍ଦ ଲେଙ୍କା କହିଥିଲେ। ଅନ୍ୟପକ୍ଷରେ ନାବାର୍ଡ ଡିଡିଏମ ବିଶ୍ୱଭୂଷଣ ମହାନ୍ତି କୁହନ୍ତି, ଏହା ଏକ ସୁନ୍ଦର ପରିକଳ୍ପନା। ଦୁଗ୍ଧଚାଷୀଙ୍କ କ୍ଷେତ୍ରରେ ଘାସ ଚାଷ ଆଦୃତ ଲାଭ କଲେ ନାବାର୍ଡ ଏଥିପ୍ରତି ଚିନ୍ତା କରିବ। ପ୍ରତିଭା ବିକାଶ କାର୍ଯ୍ୟକ୍ରମର ସଭାପତି ସୁରେଶ ଚନ୍ଦ୍ର ରାଉତ ଓ ଶିକ୍ଷକ ଅଭୟ କୁମାର ଜେନା ଏପରି ପ୍ରୟାସକୁ ସଫଳ କରିଥିବା ବ୍ୟକ୍ତିଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ବେହେରା ନିଜ ଉଦ୍ୟମରେ ପ୍ରସ୍ତୁତି କରିଥିବା ଘାସକୁ ଅଞ୍ଚଳର ଚାଷୀଙ୍କୁ ପ୍ରଦାନ କରିଥିଲେ। ଶେଷରେ ଶାନ୍ତିଲତା ଦ୍ୱିବେଦୀ ଚାଷୀମାନଙ୍କୁ ଧନ୍ୟବାଦ ଦେଇଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଘରେପଶି ଲୁଟିନେଲେ ଲକ୍ଷାଧିକ ଟଙ୍କାର ଅଳଙ୍କାର



ଦଶପଲ୍ଲା,୨।୨(ଡି.ଏନ୍.ଏ.): ଦଶପଲ୍ଲା ବ୍ଲକ କୃଷ୍ଣଚନ୍ଦ୍ରପୁର ମୌଜାର ନିହାର ରଞ୍ଜନ ପଟ୍ଟନାୟକଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। କୃଷ୍ଣଚନ୍ଦ୍ରପୁର ଦମକଳ କେନ୍ଦ୍ର ନିକଟରେ ନିହାର ରୁହନ୍ତି। ଗତ ୨୭ ତାରିଖଠାରୁ ସେ ଘରେ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଥିଲେ। ତେବେ ରବିବାର ଘରକୁ ଫେରି ଚୋରିହୋଇଥିବା ଜାଣିଥିଲେ। ଦୁର୍ବୃତ୍ତମାନେ ଘର ପଛପଟ ଗ୍ରୀଲ ତାଡି ଘରେ ପଶିବା ପରେ ଗଡ୍‌ରେଜ ଆଲମିରା ଭାଙ୍ଗି ୩ଶହ ଗ୍ରାମର ସୁନା ଓ ୨୫୦ ଗ୍ରାମର ରୁପା ଅଳଙ୍କାର ସହ ନଗଦ ୫ ହଜାର ଟଙ୍କା ଲୁଟିନେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଦଶପଲ୍ଲା ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଜାରି ରଖିଛି।

### ନାବାଳିକା ଅପହରଣ

ନୟାଗଡ ଅଫିସ, ୨।୨: ଇଟାମାଟି ଅଞ୍ଚଳର ଜନୈକା ୧୭ ବର୍ଷୀୟା ଛାତ୍ରୀଙ୍କୁ ଶନିବାର ଅପହରଣ କରାଯାଇଛି। ଏ ନେଇ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ୨୪/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଛାତ୍ରୀଛାତ୍ର ପ୍ରଦର୍ଶନ କଲେ ସୂର୍ଯ୍ୟ ନମସ୍କାର

ନୟାଗଡ ଅଫିସ, ୨।୨: ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ରବିବାର ସୂର୍ଯ୍ୟ ନମସ୍କାର ଅନୁଷ୍ଠିତ ହୋଇଛି । କ୍ରୀଡା ଭାରତୀ ଆନୁକୂଲ୍ୟରେ କଟକ ଶାରୀରିକ ଶିକ୍ଷାର ପୂର୍ବତନ ଅଧକ୍ଷ ଅଶୋକ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡର ପୂର୍ବତନ ନଗରପାଳ ଗୁରୁ ପ୍ରସାଦ ଜେନା, ସାମାଜିକ କର୍ମୀ ପ୍ରଭାସିନୀ ନନ୍ଦ, ଖବରଦାତା ରାମକୃଷ୍ଣ ରଥ ପ୍ରମୁଖ ଯୋଗ ଦେଇଥିଲେ। ୟୁନିଟେକ୍ ମହାବିଦ୍ୟାଳୟ, ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ ।

### ଟି-୨୦ କ୍ରିକେଟ: ଅଭିମାନପୁର ବିଜୟୀ

ଖଣ୍ଡପଡ଼ା,୨।୨(ସ୍ୱ.ପ୍ର.): ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳପଡିଆରେ ଚାଲିଥିବା ପ୍ରିମିୟର ଲିଗ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ବାହାଡାକୁ ହରାଇ ଅଭିମାନପୁର କ୍ରିକେଟ କ୍ଲବ ବିଜୟୀ ହୋଇଛି । ବାହାଡା ଦଳ ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା । ଜବାବରେ ଅଭିମାନପୁର ଦଳ ୧୪.୩ ଓଭରରେ ୫ ଉଇକେଟ ବିନିମୟରେ ୧୧୨ ରନ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ବାପି ରାଉତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସୂର୍ଯ୍ୟ ନାରାୟଣ ପରମଗୁରୁ ଓ ଦୀନେଶ ମହାଲିକ ଖେଳ ପରିଚାଳନା କରିଥିଲେ। ସୋମବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ନରସିଂହପୁର ଲେହାଙ୍ଗ କ୍ରିକେଟ କ୍ଲବ ଓ ଝଗଡପଡା କ୍ରିକେଟ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ ।

### ୧୯୯୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

ଖଣ୍ଡପଡ଼ା,୨।୨(ସ୍ୱ.ପ୍ର.): ନୟାଗଡ ଜିଲା ଇଟାମାଟି ନିକଟ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୧୯୯୭ ମାଟ୍ରିକ ବ୍ୟାଚ ସହପାଠୀଙ୍କ ଏକ ବନ୍ଧୁ ମିଳନ ରବିବାର ଖଣ୍ଡପଡା ସୁନାମୁହଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସହପାଠୀ ସଞ୍ଜୟ କୁମାର ବଡତିଆ, ମନୋଜ କୁମାର ସାହୁ, ଜିତେନ୍ଦ୍ର କୁମାର ସ୍ୱାଇଁ, ପ୍ରଭାତ ଖଟୁଆ ପ୍ରମୁଖଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ସହପାଠୀ ଯୋଗଦେଇ ଅତୀତ ଦିନର ଅଭୁଲା ସ୍ମୃତିକୁ ମନେ ପକାଇଥିଲେ।

# ପୂର୍ଣ୍ଣାଙ୍ଗ ହୋଇପାରିଲାନି ଜରାବ୍ୟାଧି ଚିକିତ୍ସା କେନ୍ଦ୍ର

ଲୋକନାଥ ମିଶ୍ର
ନୟାଗଡ଼ ଅଫିସ, ୨।୨

ପରିବର୍ତ୍ତିତ ପ୍ଲାନକୁ ଅନୁମୋଦନ ନ କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜରାବ୍ୟାଧି ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ୪୦ଲକ୍ଷ ଟଙ୍କାର ଏହି ଘୋଟାଲା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏପରିସ୍ଥଳେ ପ୍ଲାନ ଆପ୍ରୁଭ ନ ହୋଇ ନିର୍ମାଣ ହୋଇଥିବାରୁ ଅଧିକ ଅନୁଦାନ ଯୋଗାଇବାକୁ ସରକାର ମନା କରିଛନ୍ତି। ଫଳରେ ଜରାବ୍ୟାଧି ଚିକିତ୍ସାକେନ୍ଦ୍ର ଅପୂର୍ଣ୍ଣାଙ୍ଗ ହୋଇ ପଡିରହିଛି।

ସାରା ରାଜ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକା ପ୍ରକାରର ଜରାବ୍ୟାଧି ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ସରକାର ୨୦୧୭-୧୮ ଆର୍ଥିକବର୍ଷରେ ନୟାଗଡ଼ ଜିଲା ପାଇଁ ୪୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ତେବେ ନିର୍ମାଣ ସମୟରେ ହଠାତ୍ ପ୍ଲାନ ବଦଳାଗଲା। ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇ ନ ଥିବା ଜଣାପଡିଛି। ଏଭଳିସ୍ଥଳେ ପ୍ରଶ୍ନ ଉଠୁଛି ଜରାବ୍ୟାଧି ଚିକିତ୍ସା କେନ୍ଦ୍ର ନିର୍ମାଣ ସମୟରେ ପ୍ଲାନ ବଦଳାଇବାକୁ କିଏ ଅନୁମତିଦେଇଥିଲା । ଯଦିଅନୁମତିନଥିଲା ମନଇଚ୍ଛା କାହିଁକି ପ୍ଲାନ ବଦଳାଇ ନିର୍ମାଣ କରାଗଲା। ସରକାରୀ ଅନୁଦାନ ୪୦ ଲକ୍ଷ ଟଙ୍କା ଯେଉଁ ଅପବ୍ୟୟ କରାଗଲା ତାହା କେଉଁଠାରୁ ଭରଣା କରାଯିବ।



ମେଡ଼ିସିନ ୱାର୍ଡ କାନ୍ଥରେ ମଇଳା।

- ବରବାଦ୍ ହେଲା ୪୦ ଲକ୍ଷ
- ଅନୁମୋଦନ କରାଗଲା ନାହିଁ ପରିବର୍ତ୍ତିତ ପ୍ଲାନ
- ଅଧିକ ଅନୁଦାନକୁ ମନା କଲେ ସରକାର

## ଦୋଷ ଲୁଚାଇବାକୁ ୩୪ କୋଟିର ଢାଲ

ଜରାବ୍ୟାଧି ଚିକିତ୍ସାକେନ୍ଦ୍ରର ଅନିୟମିତତାକୁ ଲୁଚାଇବାକୁ ୩୪ କୋଟିଟଙ୍କାର ଅନୁଦାନକୁ ବିନିଯୋଗ କରିବାକୁ ଆରମ୍ଭ ହୋଇଛି ପ୍ରଚେଷ୍ଟା। ଯେଉଁ ସ୍ଥାନରେ ଜରାବ୍ୟାଧି ଚିକିତ୍ସାକେନ୍ଦ୍ର ନିର୍ମାଣ କରାଯାଇଛି ଫ୍ଲାଏ ଓଭର କରି ତା' ଉପରେ ୧୦୦ ଶଯ୍ୟା ବିଶିଷ୍ଟ ବହୁତଳ କୋଠା ନିର୍ମାଣ କରିବାକୁ ପ୍ଲାନ ପ୍ରସ୍ତୁତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ସରକାର ମୋ ସରକାର ଯୋଜନାରେ ୧୦୦ ଶଯ୍ୟା ବିଶିଷ୍ଟ ବହୁତଳ କୋଠା ନିର୍ମାଣ କରିବାକୁ ଅନୁଦାନ ଯୋଗାଇ ଦେଇଛନ୍ତି। ଯଦି ଏହା ନିର୍ମାଣ ହୁଏ ତେବେ ଏଠାକୁ ଯିବାକୁ ରାସ୍ତା ରହିବ ନାହିଁ । ରୋଗୀ ହଟହଟା ହେବେ। ପୁଣି କୋଟି କୋଟି ଟଙ୍କା ପାଣିରେ ପଡିବ। ଉକ୍ତ ସ୍ଥାନରେ ମାତୃ ଓ ଶିଶୁ ହସ୍ପିଟାଲ ନିର୍ମାଣ ପାଇଁ ଉଦ୍ୟମ ହେଉଥିବାବେଳେ ପ୍ରତିବାଦ ହୋଇଥିଲା । ଅନ୍ୟପକ୍ଷେ ପୁରୁଣା ସର୍ଜରି କାର୍ଯ୍ୟାଳୟକୁ ଭାଙ୍ଗି ସେଠାରେ ୧୦୦ ଶଯ୍ୟା ବିଶିଷ୍ଟ ବହୁତଳ କୋଠା ନିର୍ମାଣ କରିବାକୁ ଦାବି ହେଉଛି। ସ୍ୱାସ୍ଥ୍ୟସେବା ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ଯୋଗାଉଥିଲେ ମଧ୍ୟ ଏହାର ସଦ୍‌ବିନିଯୋଗ ହେଉ ନ ଥିବାରୁ ଏବେ ପ୍ରତିବାଦ ଆରମ୍ଭ ହୋଇଛି।

## କାନ୍ଥ ଓ ରାସ୍ତାରେ ମଇଳା ଖଣ୍ଡ

ସରକାର ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ କରିବାକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ପରିଚାଳନାଗତ ତ୍ରୁଟି କାରଣରୁ ଏଠାରେ ରୋଗୀ ରୋଗ କିଣୁଛନ୍ତି। ମେଡିସିନ ୱାର୍ଡ କାନ୍ଥ ଓ ଡ୍ରେନରେ ପାଇଖାନାରୁ ମଇଳା ଆସି ଜମା ହୋଇ ଦୁର୍ଗନ୍ଧ ବାହାରୁଛି। ଏହି ସମସ୍ୟା ପ୍ରାୟ ୧ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ହେଁ ଏହାର ସମାଧାନ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ମଇଳା ସେପ୍ଟିଟ୍ୟାଙ୍କରେ ଯିବାକୁ ବ୍ୟବସ୍ଥା କରାଯିବା ଦରକାର । କିନ୍ତୁ ଏହାକରା ନ ଯିବାରୁ ୭ରୁ ୮ ଫୁଟ ଦୂରରେ ଥିବା ଭୂତଳ ଜଳଭଣ୍ଡାରର ଜଳ ଉପରେ ଏହାର ପ୍ରଭାବ ପଡୁଛି । ଏହି ଜଳକୁ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଯୋଗାଣ ହେଉଛି।

ମେଡିସିନ୍ ୱାର୍ଡର କାନ୍ଥ ଓ ଡ୍ରେନରେ ମଇଳା ଖଣ୍ଡ ପଡିବା ସମ୍ପର୍କରେ ସିଡିଏମଓ ଶ୍ୱେତ ମହାପାତ୍ର କୁହନ୍ତି, ସଫେଇ କର୍ମଚାରୀଙ୍କୁ କହି ଏହା ତୁରନ୍ତ ସଫା କରାଯିବ। ତେବେ ଏହାର ସ୍ଥାୟୀ ସମାଧାନ ପାଇଁ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ଅନ୍ୟପକ୍ଷେ ପରିବର୍ତ୍ତିତ ପ୍ଲାନକୁ ଅନୁମୋଦନ ନ କରି ଜରାବ୍ୟାଧି ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯାଇଥିବାରୁ ସରକାରୀ ଅନୁଦାନ ମିଳିଲା ନାହିଁ। ତେବେ ଏହା ମୋ ସମୟରେ ହୋଇ ନାହିଁ। ଏପରିସ୍ଥଳେ ଜରାବ୍ୟାଧି ଚିକିତ୍ସା କେନ୍ଦ୍ର ଉପରେ ଫ୍ଲାଏ ଓଭର କରି ତା ଉପରେ ୧୦୦ ଶଯ୍ୟା ବିଶିଷ୍ଟ ବହୁତଳ କୋଠା ନିର୍ମାଣ କରିବାକୁ ପ୍ଲାନ ଆପ୍ରୁଭ ହୋଇ ସାରିଛି। ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ ହେବ।

## ନାବାଳିକା ବଳାତ୍କାର ଅଭିଯୋଗରେ ବୃଦ୍ଧ ଗିରଫ

ଓଡ଼ଗାଁ,୨।୨ (ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଜାରିଙ୍ଗୀ ଅଞ୍ଚଳରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ବୃଦ୍ଧ ହେଲେ ଏହି ଥାନା ଗୁଆନ୍ଦ ଗ୍ରାମର ଦୁର୍ଯ୍ୟୋଧନ ବାରିକ (୬୦)। ଦୁର୍ଯ୍ୟୋଧନ କିଛିଦିନ ହେଲା ଜାରିଙ୍ଗୀ ନୂଆଁ ସାହିରେ ରହି ଆସୁଥିଲେ। ଶନିବାର ସନ୍ଧ୍ୟାରେ ସେ ନାବାଳିକା(୧୩)ଙ୍କୁ ଜୋରଜବରଦସ୍ତ ଟେକି ନେଇ ନିର୍ମାଣାଧୀନ ଏକ ଘରେ ବଳାତ୍କାର କରିଥିଲେ। ନାବାଳିକା ଘରେ ଜଣାଇବା ସହ ମା' ବାପାଙ୍କ ସହିତ ରବିବାର ସକାଳେ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ଦଫାରେ ଦୁର୍ଯ୍ୟୋଧନଙ୍କ ବିରୋଧରେ ୨୮/୨୦ରେ ଏକ ମାମଲା ରୁଜୁ କରି ବୃଦ୍ଧଙ୍କୁ ତାଙ୍କ ଘରୁ ଉଠାଇ ଆଣିଥିଲା । ବୃଦ୍ଧଙ୍କ ଡାକ୍ତରୀ ପରୀକ୍ଷା ପରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ପୀଡିତା ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା ସହିତ ୧୬୪ ଧାରାରେ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ମାମଲାର ତଦନ୍ତକାରୀ ଅଧିକାରୀ ବଂଶୀଧର ବିଶ୍ୱାଳ ପ୍ରକାଶ କରିଛନ୍ତି।

# ୪ ପୋଖରୀରେ ୩ କୁମ୍ଭୀର

ନୟାଗଡ ଅଫିସ, ୨।୨

ନୟାଗଡ଼ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ ଗୋପୀନାଥପୁର (ଖଳିସାହି) ଗ୍ରାମର ପାଖାପାଖି ରହିଥିବା ୪ ପୋଖରୀରେ ୩ କୁମ୍ଭୀର ଆତଙ୍କ ଖେଳାଇଛନ୍ତି। ଭୟରେ ସ୍ଥାନୀୟ ଲୋକେ ସ୍ନାନ ପାଇଁ ପୋଖରୀକୁ

**ଭୟରେ ସ୍ନାନ ପାଇଁ ଯାଉନାହାନ୍ତି ଲୋକେ**

ଯାଉନାହାନ୍ତି। ପ୍ରାପ୍ତ ସୂଚନା ଅନୁସାରେ ପ୍ରାୟ ୨ବର୍ଷ ତଳେ ମୋ ପୋଖରୀ ଯୋଜନାରେ ଗୋପୀନାଥପୁରର ଶରତ ସାମଲ, ତ୍ରିଲୋଚନ ସାମଲ, ଅନାଦି ସାମଲ ଓ ମନମୋହନ ସାମଲ ୪ଟି ପୋଖରୀ ଖୋଳିଥିଲେ। ପରେ ଏଠାରେ ମାଛଚାଷ କରି ଆତ୍ମନିର୍ଭରଶୀଳ ହେଉଥିଲେ। ତେବେ ମହାନଦୀରୁ ୪ କୁମ୍ଭୀର ଆସି ଉକ୍ତ ପୋଖରୀରେ ରହିବା ପରେ ମାଛ ଖାଇ ଯାଉଛନ୍ତି। ଫଳରେ ଚାଷୀମାନେ ମାଛ ଚାଷ ଛାଡି ଦେଇ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଚାଷୀ ତ୍ରିଲୋଚନ ସାମଲ କୁହନ୍ତି, କୁମ୍ଭୀର ସ୍ଥାନାନ୍ତର ପାଇଁ ବାରମ୍ବାର ଛାମୁଣ୍ଡିଆ ବନ୍ୟପ୍ରାଣୀ କାର୍ଯ୍ୟାଳୟକୁ ଅନୁରୋଧ କରାଯାଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଚାଷୀ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଡେପୁଟିରେଞ୍ଜ ଅଫିସର ମାଧବ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଡିଏଫଓଙ୍କ ସହ ଆଲୋଚନା କରାଯାଇଛି। ନନ୍ଦନକାନନରୁ କର୍ମଚାରୀ ଆସିଲେ କୁମ୍ଭୀରଗୁଡିକୁ ସ୍ଥାନାନ୍ତର କରାଯିବ।



ପୋଖରୀରେ ଥିବା କୁମ୍ଭୀର।

# ପଦଯାତ୍ରାରେ ଚାଷୀ: ବୁଲିବେ ୧୨୦୦ କିମି, ୫୦୦ ଗାଁ

ନୟାଗଡ ଅଫିସ, ୨।୨

ପଦଯାତ୍ରାରେ ଗାଁକୁ ଗାଁ ବୁଲୁଛନ୍ତି ଚାଷୀ। ଚାଷୀ ଓ ସାଧାରଣ ଲୋକଙ୍କୁ ସେମାନଙ୍କ ସମସ୍ୟା ଅବଗତ କରାଉଛନ୍ତି । ୨୦ ବର୍ଷରୁ ଊର୍ଦ୍ଧ୍ୱ ଚାଷ କାର୍ଯ୍ୟରେ ନିୟୋଜିତ ହୋଇଥିବା ଚାଷୀଙ୍କୁ ମାସିକ ୫ ହଜାର ପେନସନ, ଧାନ କୁଇଣ୍ଟାଲ ୫ ହଜାର ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା ୧୫୦୦, ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ, ଗାଁ ଗାଁରେ ଶୀତଳଭଣ୍ଡାର ଓ ଗୋଦାମ ଘର ନିର୍ମାଣ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି। ରାଜ୍ୟ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜାନୁୟାରୀ ୨୩ ନେତାଜୀ ଜୟନ୍ତୀରୁ ଓଡଗାଁ ରଘୁନାଥ ପୀଠରୁ ଏହି ପଦଯାତ୍ରା ଆରମ୍ଭ ହୋଇଛି। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏଥିରେ ସାମିଲ ହୋଇଛନ୍ତି। ମେ ୧ରେ ଭୁବନେଶ୍ୱରରେ ପଦଯାତ୍ରା ପହଞ୍ଚିବ। ପଦଯାତ୍ରୀ ଦଳ ରାଜ୍ୟର ୧୨୦୦ କିମି, ୫୦୦ ଗାଁ ପରିକ୍ରମା କରିବେ। ଏଥିରେ ଜଗତ୍‌ସିଂହପୁର ଦେବୀ ପ୍ରସାଦ ମହାରଣା, ସୁରେନ୍ଦ୍ର ମହାରଣା, ନୟାଗଡର ଭାଗବତ ପ୍ରଧାନ, ମହେଶ୍ୱର ଜେନା, ବାଉରୀବନ୍ଧୁ ବେହେରା ପ୍ରମୁଖ ସାମିଲ ହୋଇଛନ୍ତି ।



ମଜୁରିଆପଲ୍ଲୀଠାରେ ଅନୁଷ୍ଠିତ ସଭାରେ ସଙ୍ଗଠନର କର୍ମକର୍ତ୍ତା ଓ ଚାଷୀମାନେ।

# ବିଲ୍ ପଇଠ ନ କଲେ ବିଦ୍ୟୁତ୍ ବିଚ୍ଛିନ୍ନ ପାଇଁ ନୋଟିସ୍

**ଘରେ ଜଳୁନି ଆଲୁଅ**

ରଣପୁର,୨।୨(ସ୍ୱ.ପ୍ର.)

ଘରେ ଜଳୁନି ବିଦ୍ୟୁତ୍। କିନ୍ତୁ ଦେୟ ପଇଠ ନ କଲେ ବିଦ୍ୟୁତ୍ କାଟ କରାଯିବ ବୋଲି ସେସୁର ଖୋର୍ଦ୍ଧା ଜିଲା ଟାଙ୍ଗୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଛି ନୋଟିସ୍। ଏହି ନୋଟିସ୍ ରଣପୁର ବ୍ଲକ ବଜ୍ରକୋଟ ଗାଁର କୁନି ଖଟେଇଙ୍କ ପାଖକୁ ଆସିଛି। ଅକ୍ଟୋବର ୨୦୧୯ ପର୍ଯ୍ୟନ୍ତ ୩ ହଜାର ୪୪୬ ଟଙ୍କାର ବିଦ୍ୟୁତ୍ ଦେୟ ତୁରନ୍ତ ପଇଠ କରିବାକୁ ଏଥିରେ ନିର୍ଦ୍ଦେଶ ଅଛି।ନଚେତ ବିଦ୍ୟୁତ୍ ବିଚ୍ଛିନ୍ନ କରିଦିଆଯିବ। ବିଦ୍ୟୁତ୍ ବିଭାଗର ଏପରି ନୋଟିସ୍ ପାଇ ଚକିତ ହୋଇ ପଡିଛନ୍ତି କୁନି। ବିଦ୍ୟୁତ୍ ନ ଜାଳି ଦେୟ ଦେବେ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଖୁଣ୍ଟରୁ ଘରକୁ ତାର ଟଣା ହୋଇଛି । ହେଲେ ବିଦ୍ୟୁତ୍ ସଂଯୋଗ କରା ନ ଯାଇ ନୋଟିସ୍ କରିବା କେତେଦୂର ଠିକ୍। କୁନିଙ୍କ ପ୍ରଶ୍ନକୁ ଅନୁଧ୍ୟାନ କଲେ ବିଦ୍ୟୁତ୍ ବିଭାଗର ଖାମଖିଆଲି ପଦାରେ ପଡିଛି।




ନୋଟିସ ପାଇଥିବା କୁନି।

# ନରସିଂହପୁରକୁ ହରାଇ ଦଶପଲ୍ଲା ସେମିରେ

ଗଣିଆ,୨।୨ (ଡି.ଏନ.ଏ.)

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ରାଜିଙ୍ଗି ଗ୍ରାମ ନିକଟ ଖେଳପଡିଆରେ ଆରଡିସିସି (ରାଜିଙ୍ଗି-ଧୋବାବୋରେଇ କ୍ରିକେଟ କ୍ଲବ) ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ରବିବାର ୨ୟ ଲିଗ୍ ମ୍ୟାଚରେ ଦଶପଲ୍ଲା କ୍ରିକେଟ କ୍ଲବ ୨ ଉଇକେଟରେ କଟକ ଜିଲା ନରସିଂହପୁର ଟିମ୍‌କୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ପ୍ରଥମେ ଟସ୍ ଜିଣି ନରସିଂହପୁର କ୍ରିକେଟ କ୍ଲବ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏହି ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୨୨ରନ୍ ସଂଗ୍ରହ କରିଥିଲା। ଜବାବରେ ଦଶପଲ୍ଲା ଟିମ୍ ୧୮.୨ ଓଭରରେ ୮ ଉଇକେଟ ହରାଇ ୧୨୩ରନ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ପ୍ରସନ୍ନଜିତ୍ ସାହୁ ୩୪ ବଲରେ ୩୯ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଅଶୋକ କୁମାର ନାୟକ ଓ ଜ୍ଞାନରଞ୍ଜନ ସାମଲ। ରାଜିଙ୍ଗି ଗ୍ରାମ ସଭାପତି ଶିବାନୀ ବେହେରା ମୁଖ୍ୟଅତିଥି ଓ ପ୍ରମୋଦ ପ୍ରତିହାରୀ, ପ୍ରକାଶ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୋମବାର ଗଣିଆ ଓ ଭାପୁର କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।




ଅତିଥିଙ୍କଠାରୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରସନ୍ନଜିତ୍।

**ଆର୍‌ଡିସିସି କ୍ରିକେଟ**

## ନୂତନ ବିଡିଓଙ୍କ ଯୋଗଦାନ

ଗଣିଆ,୨।୨(ଡି.ଏନ.ଏ.)– ଗଣିଆ ବ୍ଲକରେ ନୂତନ ବିଡିଓ ଭାବେ ସିଦ୍ଧିଏଲ ଶୁଭ୍ର ପଟେଲ ଶୁକ୍ରବାର କାର୍ଯ୍ୟରେ ଯୋଗଦେବା ପରେ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ସେ ନୂଆଗାଁ ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ବିଡିଓ ଥିବା ମାନସ ରଞ୍ଜନ ସାମଲଙ୍କ ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକକୁ ବଦଳି ହୋଇଛି।

# ସଫଳ ମଣିଷ ହେବା ପାଇଁ ପରାମର୍ଶ

ଖଣ୍ଡପଡ଼ା,୨।୨(ସ୍ୱ.ପ୍ର.)

ଶିକ୍ଷା ହିଁ ଜୀବନର ଶ୍ରେଷ୍ଠ ସମ୍ପଦ । ଏଣୁ ପିଲାମାନଙ୍କ ଉପରେ ମାନସିକ କିମ୍ବା ଶାରୀରିକ ସ୍ତରରେ ଚାପ ପ୍ରୟୋଗ ନ କରି ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଶନିବାର କଣ୍ଟିଲୋ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯଥାକ୍ରମେ ନୀଳମାଧବ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ନାୟକ ଓ ଅର୍ଥନୀତି ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇ ଏହି ମତ ଦେଇଛନ୍ତି। ଏହାଛଡା ଉଦାହରଣ ମାଧ୍ୟମରେ ଜୀବନରେ ଭଲ ମଣିଷ ହେବା ଯେତିକି ଜରୁରୀ ଜଣେ ସଫଳ ମଣିଷ ହେବା ତା'ଠାରୁ ଅଧିକ ଆବଶ୍ୟକ। ସାମ୍ପ୍ରତିକ ସମାଜରେ ଉପେକ୍ଷିତ ମା' କିପରି ଅସହାୟ ହୋଇ ପଡୁଛନ୍ତି ସେ ସମ୍ପର୍କରେ ସୂଚନା ଦେବା ସହ ମାତୃଋଣ ପରିଶୋଧ କରିବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଣ୍ଟିଲୋ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ ଓ ଖବରଦାତା ପ୍ରଭାକର ଶିରୋମଣି ପ୍ରମୁଖ ଯୋଗଦେଇ କୋମଳମତୀ ଶିଶୁମାନଙ୍କୁ ସତ୍‌ମାର୍ଗରେ ପରିଚାଳିତ କରିବା ପାଇଁ ଗୁରୁଜନମାନେ ଦାୟିତ୍ୱ ବହନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନର ସଭାପତି ପ୍ରଦୀପ କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟନାଟିକା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବରେ ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ପବିତ୍ର କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥି।

The Ashok Group
**ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଭୁବନେଶ୍ୱର - ୭୫୧୦୧୪
ସନ୍ଦର୍ଭ: ଏଚ୍‌କେଏ/ଏମ୍‌ଏମ୍ ଆଣ୍ଡ ଡି/ଇ-ଟେଣ୍ଡର/୨୦୨୦-୨୧ ତାରିଖ: ୦୩।୦୨।୨୦୨୦

**ଇ-ସଂଗ୍ରହ ବିଜ୍ଞପ୍ତି**

ଏକବର୍ଷ ଅବଧି ପାଇଁ ନିମ୍ନଲିଖିତ ସାମଗ୍ରୀଗୁଡ଼ିକର ଯୋଗାଣ ବାବଦରେ ଖ୍ୟାତନାମା ଏବଂ ଅଭିଜ୍ଞ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ହେଉଛି ତା୨୪।୦୨।୨୦୨୦ରିଖ (୧୫.୦୦ ଘଟିକା)। ବିଡର୍‌ମାନଙ୍କ ପ୍ରାକ୍-ବିଡ୍ ବୈଠକ ତାରିଖ: ୦୭।୦୨।୨୦୨୦ରିଖ (୧୪.୦୦ରୁ ୧୬.୦୦ ଘଟିକା), ସ୍ଥାନ: ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର ।

**୧. ଖାସି ମାଂସ, ୨. କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା, ୩. ମାଛ ଓ ଚିଙ୍ଗୁଡ଼ି, ୪. ପନିପରିବା ଓ ଫଳମୂଳ, ୫. ବିବିଧ ସାମଗ୍ରୀ, ୬. ଉଦ୍ୟାନକୃଷି ଓ ଉଦ୍ୟାନ ରକ୍ଷଣାବେକ୍ଷଣ ।**

ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ www.hotelkalingaashok.com, www.theashokgroup.com, http://etenders.gov.in/eprocure/appରେ ଉପଲବ୍ଧ।

ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।

ମହାପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର
ଦୂରଭାଷ: ୦୬୭୪-୨୪୩୧୦୫୫

RITES THE INFRASTRUCTURE PEOPLE
**ରାଇଟ୍ସ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ପ୍ରତିଷ୍ଠାନ)
ଭୁବନେଶ୍ୱର - ୭୫୧୦୨୪

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ମେସର୍ସ ଏମ୍‌ସିଏଲ୍, ସମଲେଶ୍ୱରୀ ଓସିପି ଏରିଆ ତରଫରୁ ଗ୍ରୁପ୍ ମହାପ୍ରବନ୍ଧକ (ସିଭିଲ), ରାଇଟ୍ସ ଲିଃ, ଭୁବନେଶ୍ୱରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀରେ ଅନ୍‌ଲାଇନ୍ ଶତକଡ଼ା ଦର ଆମନ୍ତ୍ରଣ କରାଯାଉଛି:

୧. ଏନ୍‌ଆଇଟି ନଂ. ରାଇଟ୍ସ/ବିବିଏସ୍‌ଆର/ଏମ୍‌ସିଏଲ୍/ୱାଇ-କର୍ଭ ଶିଫ୍ଟିଂ/ଓଟି-୧୦/୨୦୨୦ ତାରିଖ ୦୩।୦୨।୨୦୨୦। କାର୍ଯ୍ୟର ନାମ: "ଏସ୍.ଇ.ସି. ରେଳପଥ, ବିଳାସପୁରର ବିପିଏଚ୍-ବିଆର୍‌ଜେଏନ୍ ସେକ୍ସନ ମଧ୍ୟରେ ହାଓଡା-ମୁମ୍ବାଇ ମେନ୍ ଲାଇନ୍ ଉପରେ ବ୍ରଜରାଜନଗର ଓ ଲାଜକୁରା ଷ୍ଟେଶନରୁ ୱାଇ-କର୍ଭ ସାଇଡିଂ (ଝାରସୁଗୁଡ଼ା ନିକଟରେ) ଟେକିଂ ଅଫ୍‌ର ପ୍ରସ୍ତାବିତ ସ୍ଥାନାନ୍ତର ନିମନ୍ତେ ଫର୍ମେଶନରେ ମାଟି କାମ, ବଡ଼ ଓ ଛୋଟ ସେତୁ, ରିଟେନିଂ ୱାଲ୍, ଡ୍ରେନ୍ ନିର୍ମାଣ, ପିଏସ୍‌ସି ସ୍ଲିପର୍ସ, ଟର୍ନଆଉଟ୍ ସ୍ଲିପର୍ସ ଯୋଗାଣ, ବାଲାଷ୍ଟ ଯୋଗାଣ, ପି.ୱେ ଫିଟିଂ ଓ ଟ୍ରାକ୍ ଲିଙ୍କିଙ୍ଗ୍ କାର୍ଯ୍ୟ, ବିଲ୍ଡିଂ ନିର୍ମାଣ ତଥା ତତ୍‌ସମ୍ପର୍କିତ କାର୍ଯ୍ୟ।" ଅଟକଳ ମୂଲ୍ୟ: ଟ.୧୨୬,୬୭,୭୬,୬୮୯.୦୦, ଇଏମ୍‌ଡି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୧୨ (ବାର) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୨୫।୦୨।୨୦୨୦, ୧୫.୦୦ ଘଟିକା (ଆଇଏସ୍‌ଟି)।

୨. ଏନ୍‌ଆଇଟି ନଂ. ରାଇଟ୍ସ/ବିବିଏସ୍‌ଆର/ଏମ୍‌ସିଏଲ୍/ଓବିଡିୟୁଏମ୍‌ପି/ଓଟି-୧୧/୨୦୨୦ ତାରିଖ ୦୩।୦୨।୨୦୨୦। କାର୍ଯ୍ୟର ନାମ: "ଏମ୍‌ସିଏଲ୍‌ର ଲଖନପୁର ଏରିଆଠାରେ ନୂଆ ଅବସ୍ଥିତିରେ ୱାଇ-କର୍ଭର ସ୍ଥାନାନ୍ତର ଲାଗି ରେଲ୍‌ୱେ ଟ୍ରାକ୍ ଫର୍ମେଶନ କାର୍ଯ୍ୟ ନିମନ୍ତେ ଆବଶ୍ୟକ ସମଲେଶ୍ୱରୀ ଓସିପିଠାରେ ଓଭର୍-ବର୍ଡେନ୍‌ର କଟିଂ, ଫିଲିଂ ଓ ରି-ହ୍ୟାଣ୍ଡଲିଂ ।" ଅଟକଳ ମୂଲ୍ୟ: ଟ.୫୭,୬୨,୩୧,୧୬୫.୦୦, ଇଏମ୍‌ଡି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୦୬ (ଛଅ) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୨୫।୦୨।୨୦୨୦, ୧୫.୦୦ ଘଟିକା (ଆଇଏସ୍‌ଟି)।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍: https://etenders.gov.in/eprocure/appରୁ ହାସଲ କରାଯାଇପାରିବ। ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଅନ୍‌ଲାଇନ୍‌ରେ ସ୍ଥାନିତ ହେବ।

# ମଠ, ମନ୍ଦିରର ଇତିହାସ ଜାଣିଲେ ୫୦ ଛାତ୍ରୀ

ପୁରୀ ଅଫିସ, ୨।୨

ଶ୍ରୀକ୍ଷେତ୍ରର ଗୌରବମୟ ଐତିହ୍ୟ ରହିଛି। ମହାପ୍ରଭୁଙ୍କ ସାନ୍ନିଧ୍ୟ ପାଇବା ପାଇଁ ବିଭିନ୍ନ ଦେଶରୁ ସାଧୁସନ୍ଥ ଏଠାକୁ ଆସିଛନ୍ତି। ଏଥିପାଇଁ ପୁରୀରେ ଗଢିଉଠିଛି ଅନେକ ସମ୍ପ୍ରଦାୟର ମଠ, ମନ୍ଦିର ଓ ଆଶ୍ରମ। ପ୍ରତ୍ୟେକର ଅତୀତ ବେଶ୍ ରୁଦ୍ଧିମନ୍ତ ଏବଂ ଶିକ୍ଷଣୀୟ। ସେହିପରି ବିଶ୍ୱ ଐତିହ୍ୟ ସହର ନିମନ୍ତେ ବର୍ତ୍ତମାନ ଏକାଧିକ ପ୍ରକଳ୍ପ କାମ ଆରମ୍ଭ ହୋଇଥିବା ବେଳେ ଭବିଷ୍ୟତରେ ଶ୍ରୀକ୍ଷେତ୍ର ପାଇବ ନୂଆ ରୂପ। ତେବେ ପୁରୀର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ସମ୍ପର୍କରେ ଆଜିର ପିଢିଙ୍କୁ ଜାଣିବାର ସେମିତି ସୁଯୋଗ ନାହିଁ। ଏସବୁ ବିଷୟରେ ଜାଣି ନିଜକୁ ଗଢିବା ଲାଗି ଆରମ୍ଭ ହୋଇଛି ମୋ' ସହର ମୋ' ଭବିଷ୍ୟତ କାର୍ଯ୍ୟକ୍ରମ। ବିଶେଷକରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ଫୋକସରେ ରଖି ଓଡ଼ିଶା ଇକୋ ଟୁରିଜମ୍ ଫାଉଣ୍ଡେଶନ ଏବଂ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପରିକଳ୍ପନା କରାଯାଇଛି। ରବିବାର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫୦ ଜଣ ଛାତ୍ରୀ ସାଇକେଲରେ ସହରର ବିଭିନ୍ନ ମଠ, ଆଶ୍ରମ ଏବଂ ଅନୁଷ୍ଠାନ ବୁଲିଛନ୍ତି। ଏହି ସାଇକେଲ ଯାତ୍ରାରେ ସେମାନେ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ମଠ, ମନ୍ଦିର, ଆଶ୍ରମ, ପରିବେଶ ସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା ଆଦି ବିଭିନ୍ନ ପ୍ରସଙ୍ଗରେ ଶୁଣିଛନ୍ତି। ଏଥିରୁ ଯାହା ଶିକ୍ଷା କରିଛନ୍ତି ତାହା ସେମାନଙ୍କ ଭବିଷ୍ୟତକୁ ଠିକଣା ପଥରେ ଆଗେଇ ନେବା ସହିତ ପୁରୀକୁ ଏକ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ସହର ଭାବେ ଗଢିତୋଳିବ ବୋଲି ଆୟୋଜକମାନେ ଆଶା ବ୍ୟକ୍ତ କରିଛନ୍ତି। ସକାଳ ୮ଟାରେ ଫାଉଣ୍ଡେଶନର ପ୍ରତିଷ୍ଠାତା ଯୁଗବ୍ରତ କରଙ୍କ ତତ୍ତ୍ୱାବଧାନରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟଠାରୁ ଏହି ସାଇକେଲ ଯାତ୍ରା ଆରମ୍ଭ ହୋଇଥିଲା। ପିଲାମାନେ କବୀର ଚୌରା, ବାଉଳିମଠ, କରାର ଆଶ୍ରମ, ବିଦୁର ମଠ, ତୋଟା ଗୋପୀନାଥ, ଗୋବର୍ଦ୍ଧନ ମଠ, ମଦର ଟେରେସା ଶେଲ୍‌ଟର ହୋମ୍, ବ୍ଲୁ ଫ୍ଲାଗ ବିଚ୍ ବୁଲିଥିଲେ। ଶେଷରେ ପାନ୍ଥ ନିବାସରେ ଆୟୋଜିତ ହୋଇଥିଲା ଏକ ଭାବବିନିମୟ କର୍ମଶାଳା।



ଐତିହ୍ୟସ୍ଥଳ ପରିଦର୍ଶନ ଅବସରରେ ଛାତ୍ରୀମାନେ ବିଭିନ୍ନ ପ୍ରସଙ୍ଗ ପଚାରି ବୁଝୁଛନ୍ତି।

- ସାଇକେଲରେ ସହର ବୁଲିଲେ
- ଗଛ ଲଗାଇବା ପାଇଁ ନେଲେ ପରାମର୍ଶ
- ମୋ ସହର, ମୋ ଭବିଷ୍ୟତ କାର୍ଯ୍ୟକ୍ରମ

ଏଥିରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ପୁରୁଷୋତ୍ତମ କ୍ଷେତ୍ରରେ ଆଶ୍ରମ ଏବଂ ମଠଗୁଡ଼ିକ ଗଢିଉଠିବାର ଇତିହାସ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ସେ କହିଥିଲେ, ଅଖଣ୍ଡ ଭାରତ ବର୍ଷର ବିଭିନ୍ନ ଭାଷାଭାଷୀ ଅଞ୍ଚଳର ସାଧୁସନ୍ଥ ଜଗନ୍ନାଥଙ୍କୁ ଇଷ୍ଟ ଭାବେ ସ୍ୱୀକାର କରିବା ପରେ ଏଠାରେ ଯେଉଁ ଆଶ୍ରମ ବା ମଠଗୁଡ଼ିକ ପ୍ରତିଷ୍ଠା କରିଥିଲେ ତାହା ଭାରତୀୟ ସାଂସ୍କୃତିକ ସଂହତିର କେନ୍ଦ୍ରବିନ୍ଦୁ ଥିଲା। ମଠଗୁଡ଼ିକ ଯେଉଁଭଳି ଶିକ୍ଷାର ବିସ୍ତାର ଦିଗରେ ପ୍ରମୁଖ ଭୂମିକା ନେଇଥିଲେ ସେହିଭଳି ନିଜ ନିଜ ସମ୍ପ୍ରଦାୟର ତୀର୍ଥଯାତ୍ରୀଙ୍କୁ ଆତିଥ୍ୟ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ। କୌଣସି ଯାନବାହନ ନ ଥାଇ ପାଦରେ ଚାଲି ଚାଲି ପାକିସ୍ତାନ ଓ ବାଂଲାଦେଶରୁ ଆସିଥିବା ସାଧୁଙ୍କର ମଠ ମଧ୍ୟ ପୁରୀରେ ଦେଖିବାକୁ ମିଳେ। ସେମାନେ ବହୁ କଷ୍ଟ ସ୍ୱୀକାର କରି ଜଗନ୍ନାଥ ଧାମରେ ପହଞ୍ଚିବା ପରେ ସମାଜର ଉନ୍ନତି, ସାଂସ୍କୃତିକ ସଂହତି, ଶିକ୍ଷାର ବିସ୍ତାର ଏବଂ ମହାପ୍ରଭୁଙ୍କ ସେବା ନିମନ୍ତେ ଯେଉଁ ତ୍ୟାଗ କରିଯାଇଛନ୍ତି ସେସବୁର ଐତିହ୍ୟ ପାଠ୍ୟକ୍ରମରେ ସ୍ଥାନ ପାଇବା ଉଚିତ। ବର୍ତ୍ତମାନର ଶିକ୍ଷା ପାଠ୍ୟକ୍ରମରେ ଆମ ଐତିହ୍ୟର ସ୍ଥାନ ଖୁବ୍ ସୀମିତ। ଫଳରେ ଛାତ୍ରୀଛାତ୍ର ଐତିହ୍ୟଠାରୁ ଦୂରେଇ ଯିବା ଦ୍ୱାରା ସେମାନଙ୍କ ମଧ୍ୟରେ ଏକ ଗୌରବପୂର୍ଣ୍ଣ ଭାବବୋଧ ଆସିପାରୁ ନାହିଁ। ତେଣୁ ଏହିଭଳି ଅଭିଯାନରେ ସାମିଲ ହେବା ଲାଗି ଡ. ମିଶ୍ର ଉପସ୍ଥିତ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଡିଏଫ୍‌ଓ ସୁଶାନ୍ତ ରୟ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରି କହିଥିଲେ, କେବଳ ଶ୍ରେଣୀକକ୍ଷ ନୁହେଁ ବାହାର ଦୁନିଆରୁ ବି ଛାତ୍ରୀଛାତ୍ର ଅନେକ କିଛି ଜ୍ଞାନ ପାଇପାରିବେ। ପରିବେଶ ସମ୍ବନ୍ଧୀୟ ଶିକ୍ଷା ଏବେ ଜରୁରୀ ହୋଇପଡ଼ିଛି। ସହରକୁ ସବୁଜ ସୁନ୍ଦର କରିବା ଲାଗି ପ୍ରତ୍ୟେକ ବୃକ୍ଷରୋପଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମନୋଜ ମିଶ୍ର, ଧନଞ୍ଜୟ ମଲ୍ଲିକ, ଶାନ୍ତିରଞ୍ଜନ ମିଶ୍ର, ନଟବର ସାହୁ, ବିଜୟ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏ ସମ୍ପର୍କରେ ଫାଉଣ୍ଡେଶନର ପ୍ରତିଷ୍ଠାତା କର କହିଛନ୍ତି, ପ୍ରତ୍ୟେକ ରବିବାର ଭିନ୍ନ ଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏମିତି ସାଇକେଲ ଯାତ୍ରାରେ ବିଭିନ୍ନ ସ୍ଥାନ ବୁଲାଯିବାର କାର୍ଯ୍ୟକ୍ରମ ରହିଛି। ଏହାଦ୍ୱାରା ପିଲାମାନେ ସହର ବିଷୟରେ ଅଧିକ କିଛି ଜାଣିପାରିବା ସହ ସେମାନଙ୍କ ଭବିଷ୍ୟତକୁ ସଜାଡ଼ିପାରିବେ।

## ଅଟୋ ଓଲଟି ୯ ଆହତ

ଆର.ଉଦୟଗିରି, ୨।୨(ଡି.ଏନ.ଏ.)



ଗଜପତି ଜିଲା ଆର.ଉଦୟଗିରି ଥାନା ବିଲୋଇକୂଅଁ ଛକ ବୁଲାଣିରେ ରବିବାର ଏକ ଅଟୋ ଦୁର୍ଘଟଣାରେ ୮ଜଣ ଯାତ୍ରୀଙ୍କ ସହ ଚାଳକ ଆହତ ହୋଇଛନ୍ତି। ଏକ ଅଟୋରେ ଖଜୁରିପଦାରୁ ୮ ଜଣ ଆର.ଉଦୟଗିରି ଆସୁଥିବାବେଳେ ବିଲୋଇକୂଅଁ ଛକ ବୁଲାଣିରେ ଚାଳକ ଭାରସାମ୍ୟ ହରାଇବାରୁ ଅଟୋଟି ରାସ୍ତା କଡରେ ଓଲଟି ପଡିଥିଲା। ସେଥିରେ ବସିଥିବା ୮ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ଅଞ୍ଚଳବାସୀ ଆର୍.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ତଳ କେତୁଙ୍ଗପଡା ଗ୍ରାମର ରାଜେନ୍ଦ୍ର ରଇତ, ସିମିରି ଗ୍ରାମର ଡାଳିମ୍ବ ରଇତ, ଶିନିସିଙ୍ଗି ଗ୍ରାମର କେଶବ ପ୍ରଧାନ, ଖଜୁରିପଦା ଗ୍ରାମର ପ୍ରକାଶ ଚନ୍ଦ୍ର ନାୟକ, ବୁଡିଶିଳ ଗ୍ରାମର ସିମିରାଣି ରଇତ, ତାଣ୍ଡିଗୁଡାର ପ୍ରଭାସିନୀ ପାଳ, ସମ୍ବାରୁ ରଇତ ଏବଂ ଅଟୋ ଚାଳକ ତରଭା ଗ୍ରାମର ଈଶ୍ୱର ରଇତ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାସ୍ଥଳ ଠାରୁ କିଛି ଦୂର ବାଦପୁର ରାସ୍ତାରେ ଲୁଚାଇ ରଖାଯାଇଥିବା ଅଟୋକୁ ଜବତ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଶ୍ରୀମଦ୍ ଭଗବଦ୍ ଗୀତାର ମହତ୍ତ୍ୱ ପ୍ରତିପାଦନ କରି ସମ୍ମାନିତ

**ଖଣ୍ଡପଡ଼ା,୨।୨(ସ୍ୱ.ପ୍ର.)**-ଭାପୁର ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ବାସିନ୍ଦା ତଥା ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଧାପକ ଡା. ଭାରତ ଭୂଷଣ ରଥ ଆନ୍ଧ୍ରପ୍ରଦେଶର ଏକ ଧର୍ମସଭାରେ ସମ୍ମାନିତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ପ୍ରକାଶମ ଜିଲା କରବଧିଠାରେ ଦିବ୍ୟଜୀବନ ସଂଘ ପକ୍ଷରୁ ଶନିବାର ଆୟୋଜିତ ଧର୍ମସଭାରେ ଡ. ରଥ ଶ୍ରୀମଦ୍ ଭଗବଦ୍ ଗୀତାର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ସାରସ୍ୱତ ବାଣୀକୁ ପାଥେୟ କଲେ ମାନବ ସମାଜ ଅଗ୍ରଗତି କରିପାରିବ ବୋଲି ସେ ତାଙ୍କ ଭାଷଣରେ ଦର୍ଶାଇଥିଲେ। ଉକ୍ତ ସଭାରେ ଭାରତର ଅନେକ ସାଧୁସନ୍ଥ ତଥା ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ଭାରତୀୟ ସନାତନ ପରମ୍ପରା ଉପରେ ଚର୍ଚ୍ଚା କରିଥିଲେ।

### ଶ୍ରୀମଦ୍ ଭାଗବତାମୃତ ସପ୍ତାହ ପାରାୟଣ

**ଖଣ୍ଡପଡ଼ା,୨।୨(ସ୍ୱ.ପ୍ର.):** କଣ୍ଟିଲୋ ହରିସୁବୁଦ୍ଧି ପାଟଣାସ୍ଥ ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଗତ ରବିବାରଠାରୁ ଆରମ୍ଭ ହୋଇଥିବା ଅଷ୍ଟାଦଶ ବାର୍ଷିକ ଶ୍ରୀମଦ୍ ଭାଗବତାମୃତ ସପ୍ତାହ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ଡା. ପ୍ରଫୁଲ୍ଲ କୁମାର ମିଶ୍ର, ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା, ପଣ୍ଡିତ ନାରାୟଣ ଦାଶ ପ୍ରମୁଖ ଭାଗବତର ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ଦେଇଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇ ବିଭୂକୃପା ଲାଭ କରିଥିଲେ।

### ୧୦ ମୃତ ବିଦେଶୀ ପକ୍ଷୀ ଜବତ, ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨।୨ (ଡି.ଏନ.ଏ.):** ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଚଢାଉ ରବିବାର କରି ୧୦ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହିତ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ସିପିଆ ବଡଝର ଗ୍ରାମର ବାମଦେବ ପଲାଇ (୨୩)। ବାମଦେବ ନଇରୀ ନିକଟ ଚିଲିକା ମଧ୍ୟରେ ପକ୍ଷୀ ଶିକାର କରୁଥିବା ସମୟରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପୋଲିସ ସହାୟତାରେ ଚଢାଉ କରି ୧୦ଟି ମୃତ ପିଣ୍ଟେଲ ପ୍ରଜାତିର ବିଦେଶୀ ପକ୍ଷୀ ଜବତ କରି ତାଙ୍କୁ ଗିରଫ କରିଥିଲେ। ବାମଦେବଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ବନ୍ୟପ୍ରାଣୀ ବିଭାଗ ଅଧିକାରୀ ଚୁଡାରାଣୀ ମୁର୍ମୁ ପ୍ରକାଶ କରିଛନ୍ତି। ବନପାଳ ତ୍ରିନାଥ ବାରିକ, ବନରକ୍ଷୀ ଲିଟିନା ପାଇକରାୟ ଏହି ଚଢାଉରେ ସାମିଲ ଥିଲେ।

### ଭଲିବଲ ଟୁର୍ନାମେଣ୍ଟ: ବାରିପଦାର ଏମ୍‌ଏସିସି ଚାମ୍ପିୟନ

**ଟାଙ୍ଗୀ(ଖୋର୍ଦ୍ଧା),୨।୨(ଡି.ଏନ.ଏ.):** ସ୍ଥାନୀୟ ଡିସିସି କଲେଜ ଖେଳପଡିଆରେ ଦ୍ୱିତୀୟ ବାର୍ଷିକ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଟାଙ୍ଗୀ ଭଲିବଲ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବାରିପଦାର ଏମ୍‌ଏସିସି ଓ ନୟାଗଡ ଜିଲା ରଣପୁର ବ୍ଲକ୍‌ର ବନ୍ଧପଲ୍ଲୀ ଭଲିବଲ୍ ଟିମ୍ ମଧ୍ୟରେ ହୋଇଥିଲା। ବାରିପଦା ଦଳ ୩-୨ ସେଟ୍‌ରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଆସୋସିଏଶନ ସଭାପତି ଚିନ୍ମୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା ଜିଲା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ଓ ଡିସିସି ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥି ପ୍ରମୁଖ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ।

### ଶ୍ରୀଜଗନ୍ନାଥ ସହସ୍ର ନାମମାଳିକା ପାଠ

**ପୁରୀ ଅଫିସ, ୨।୨:** ଶ୍ରୀକୃଷ୍ଣ ଶତାୟୁ ଯୁବ ପରିଷଦ ପକ୍ଷରୁ ଓଡ଼ିଶା ସଂସ୍କୃତ ଏକାଡେମୀ ସହଯୋଗରେ ରବିବାର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ତଟ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ସହସ୍ର ନାମ ମାଳିକା ପାଠ କରାଯାଇଛି। ଏଥିରେ ଏକାଡେମୀ ମହାସଚିବ ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ର ସହସ୍ର ନାମମାଳିକା ପାଠର ପ୍ରକ୍ରିୟା ଓ ପଦ୍ଧତି ବୁଝାଇଥିଲେ। ଶତାୟୁ ଯୁବ ପରିଷଦର ରାଜ୍ୟ ସମ୍ପାଦକ ଡ. ସୀମାଞ୍ଚଳ ପଣ୍ଡା ସଂସ୍କୃତ ସହସ୍ର ନାମ ଓ ଓଡ଼ିଆ ନାମ ମାଳିକା ପାଠ କରିଥିଲେ। ଚିନ୍ମୟ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ନୂଆଗାଁ,୨।୨(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୋତ୍ସବ ପଡିଆରେ ରବିବାର ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୨୦ ଉଦ୍‌ଘାଟିତ ହୋଇଛି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ବୈଜୟନ୍ତୀମାଳା ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଲପ୍ନଜିତ୍ ରାଉତରାୟ, ଡିଏଫ୍‌ଓ ଧନରାଜ୍ ଏଚ୍‌ଡି, ଜିଲାପରିଷଦ ଉପାଧ୍ୟକ୍ଷ ଅଖିଳ କୁମାର ଜାନି, ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ବିଡିଓ ପ୍ରମୋଦ କୁମାର ଦଳବେହେରା, ମହୋତ୍ସବ କମିଟି ସମ୍ପାଦକ ଦିଲୀପ କୁମାର ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନୂଆଗାଁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ପ୍ରାତଃ ସମୟରେ ଏକ ମଶାଲ ଶୋଭାଯାତ୍ରା ପଞ୍ଚୁପାଣ୍ଡବ ପୀଠରୁ ବାହାରି ନୂଆଗାଁ ବଜାର ଦେଇ ମହୋତ୍ସବ ପଡିଆଠାରେ ପହଞ୍ଚିଥିଲା । ଦିବା ୧ଟାଠାରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୬ଟାରେ ଉଦ୍‌ଘାଟନୀ ଉତ୍ସବ ପରେ ଓଡିଆ ସିନେ ତାରକା ଶୀତଲ ପାତ୍ରଙ୍କ ନୃତ୍ୟ ଦର୍ଶକଙ୍କୁ ଦର୍ଶକଙ୍କୁ ବିଭୋର କରିଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପଲ୍ଲିଶ୍ରୀ ମେଳାରେ ୬୦ଗୋଟି ଷ୍ଟଲ ନିଜର ହାତ ତିଆରି ଦ୍ରବ୍ୟ ଆଣି ବିକ୍ରି କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପ୍ରତିଯୋଗିତା

ଫୁଲବାଣୀ ଅଫିସ, ୨।୨

ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ସ୍ଥିତ ସ୍ୱାତୀ ତାଲିମ୍ କେନ୍ଦ୍ରଠାରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଇଂ. ହରିଶଙ୍କର ରାଉତ ଉଦ୍‌ଘାଟନ କରିଥିଲେ। କରଣ୍ଡାଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୀମାଞ୍ଚଳ ମୁଖୀ ଓ ବୁଲୁଦେଇ ଅଙ୍ଗନୱାଡ଼ି କର୍ମୀ ବିଜୟଲକ୍ଷ୍ମୀ ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ। ସ୍ୱାତୀ ଓ ସେଭ୍ ଦି ଚିଲ୍‌ଡ୍ରେନ୍ ଦ୍ୱାରା ଫିରିଙ୍ଗିଆ ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ଶିକ୍ଷା ପ୍ରକଳ୍ପ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତଳ ଦଣ୍ଡିକିଆ, ପବିଙ୍ଗିଆ, ବନ୍ଧଗଡ଼, କେଳାପଡ଼ା ଆଦି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ବିଭିନ୍ନ ପ୍ରକାରର ଶିକ୍ଷଣ ସାମଗ୍ରୀ ନିଜେ ତିଆରି କରି ପ୍ରଦର୍ଶନ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ୧୦ ଜଣଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା।

## ପଠାଣି ସାମନ୍ତ ବରିଷ୍ଠ ନାଗରିକ ସଂଘ ବୈଠକ



ବୈଠକରେ ଯୋଗ ଦେଇଥିବା ବରିଷ୍ଠ ନାଗରିକ।

ଖଣ୍ଡପଡ଼ା,୨।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ପଠାଣୀ ସାମନ୍ତ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ସ୍ଥାନୀୟ ବାଉରୀ ଠାକୁରାଣୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଦୁର୍ଗାମାଧବ ମିଶ୍ର, ସମ୍ପାଦକ ଲକ୍ଷ୍ମୀଧର ସିଂହ, ବୈକୁଣ୍ଠନାଥ ରାଜ, ଦାମୋଦର ଶତପଥୀ, ନିରଞ୍ଜନ ସ୍ୱାଇଁ, ବିନାୟକ ମିଶ୍ର, ଭଗବାନ ବେହେରା, ବ୍ରଜବନ୍ଧୁ ପ୍ରଧାନ, ତ୍ରିନାଥ ସାହୁ ପ୍ରମୁଖ ୭୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସଂଗଠନକୁ କିପରି ସୁଦୃଢ କରାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସଂଘର ଏକ ସ୍ଥାୟୀ ଜାଗା ପାଇଁ ଆବେଦନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା।

# ଇନ୍ଧନ ସଂରକ୍ଷଣ ସଚେତନତା ପଦଯାତ୍ରା

ପୁରୀ ଅଫିସ, ୨।୨

ଇନ୍ଧନ ଅସରନ୍ତି ନୁହେଁ। ଦିନେ ନା ଦିନେ ଏହା ଶେଷ ହୋଇଯିବ। ତେଣୁ ଆମକୁ ଏବେଠାରୁ ଏହାର ବ୍ୟବହାର ଉପରେ ସଚେତନ ହେବାକୁ ପଡ଼ିବ। ଏହା ଯେପରି ଅପବ୍ୟବହାର ନ ହୁଏ ସେଥିପ୍ରତି ସମସ୍ତେ ସଜାଗ ଏବଂ ସଚେତନ ରହିବା ଦରକାର ବୋଲି କହିଛନ୍ତି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ତୈଳ ସଂରକ୍ଷଣ ଓ ଅନୁସନ୍ଧାନ ସଂସ୍ଥା ଏବଂ ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲ୍ ଛକଠାରେ ଆୟୋଜିତ ସଂରକ୍ଷଣ କ୍ଷମତା ମହୋତ୍ସବକୁ ଉଦ୍‌ଘାଟନ କରି ବିଧାୟକ ଷଡ଼ଙ୍ଗୀ କହିଥିଲେ, ପେଟ୍ରୋଲିୟମ ସଂରକ୍ଷଣ ଦିଗରେ ଲୋକମାନଙ୍କୁ ସଜାଗ କରିବା ପାଇଁ ପରିବହନ, ଶିଳ୍ପ, କୃଷି ଏବଂ ଘରୋଇ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି। ପରିବହନ କ୍ଷେତ୍ରରେ ମଧ୍ୟ ବିଭିନ୍ନ ତାଲିମ ଶିବିର ଅନୁଷ୍ଠିତ ହେଉଛି। ଏହି ସଚେତନତା କାର୍ଯ୍ୟକ୍ରମଗୁଡ଼ିକ ଆଗାମୀ ପିଢି ପାଇଁ ଯଥେଷ୍ଟ ସହାୟକ ହେବ। କାରଣ ଆଜିର ଅପବ୍ୟବହାର କାଲିର ଅଭାବ। ତେଣୁ ସୁରକ୍ଷିତ ଭବିଷ୍ୟତ ପାଇଁ ଆଜିଠାରୁ ଇନ୍ଧନ ସଂରକ୍ଷଣ କରିବା ଆବଶ୍ୟକ ବୋଲି ବିଧାୟକ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଓସିଏଲ୍‌ର ଅନୁରାଗ ସୌରଭ ଓ ଏଚ୍‌ପିସିଏଲ୍‌ର ସିଦ୍ଧିନାଥ ଓଝା ଯୋଗଦେଇ ଥିଲେ।

## ଗାଜଲବାଡି ଘାଟିରେ ସରୁନି ଗାର୍ଡୱାଲ କାମ

# ଦୁର୍ଘଟଣାରୁ ବର୍ତ୍ତିଲା ଟ୍ରକ

ଦାରିଙ୍ଗବାଡି,୨।୨(ଡି.ଏନ୍.ଏ.)

କନ୍ଧମାଳ-ଗଞ୍ଜାମ ସୀମାବର୍ତ୍ତି ଗାଜଲବାଡି ଘାଟିରେ ରବିବାର ଏକ ଟ୍ରକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ପ୍ରକାଶ ଯେ, ଟ୍ରକ ନଂ (ଓଆର-୧୫ ଆର୍-୦୩୬୩) ଦାରିଙ୍ଗବାଡିରୁ ୫୯ନଂ. ଜାତୀୟ ରାଜପଥରେ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଗାଜଲବାଡି ଘାଟି ୯ନଂ. ବୁଲାଣିରେ ଟ୍ରକଟିକୁ ଚାଳକ କାଟି ପାରି ନ ଥିଲେ। ବର୍ଷା କାରଣରୁ ରାସ୍ତା କଡରେ ପଡିଥିବା କାଦୁଅରେ ଟ୍ରକଟି ଫସିଯିବାରୁ ଚାଳକ ଟ୍ରକଟିକୁ ଅଟକାଇବାରେ ସଫଳ ହେଲେ। ନଚେତ୍ ଆଉ ୩ଫୁଟ ଆଗକୁ ଗଡିଥିଲେ ପ୍ରାୟ ୨ଶହ ଫୁଟ ଖାଇକୁ ଖସିପଡିଥାନ୍ତା। ଉକ୍ତ ଘାଟିରେ ଗତ ୩ବର୍ଷ ହେଲା ଗାର୍ଡୱାଲ ନିର୍ମାଣ ଚାଲିଛି। କାମ ସରୁ ନ ଥିବାରୁ ରାସ୍ତା ବିପଦସଙ୍କୁଳ ହୋଇ ପଡିଛି। ତିତ୍‌ଲି ବାତ୍ୟାରେ ଏଠାରେ ଭୂସ୍ଖଳନ ଯୋଗୁ ଦୀର୍ଘଦିନ ଯାତାୟାତ ବନ୍ଦ ଥିଲା। ଖବର ଲେଖାହେବା ସୁଦ୍ଧା ରାଜପଥ ଉପରେ ବହୁ ଗାଡିମୋଟର ଅଟକି ରହିବା ସହ ବାଲିଗୁଡା-ଦାରିଙ୍ଗବାଡି ଦେଇ ଗାଡି ଚଳାଚଳ ବନ୍ଦ ରହିଛି।

# ଠାକୁର ଅଭିରାମଙ୍କ ସାହିତ୍ୟରେ ଶ୍ରୀଜଗନ୍ନାଥ

ପୁରୀ ଅଫିସ, ୨।୨

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନାଚକ୍ର ରବିବାର କରମଳାସ୍ଥିତ ଶାନ୍ତିଧାମ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେମାନନ୍ଦ ଦାସବାବା ସଭାପତିତ୍ୱ କରିଥିବାବେଳେ ଆଲୋଚ୍ୟ ବିଷୟ 'ଠାକୁର ଅଭିରାମ ପରମହଂସଙ୍କ ସାହିତ୍ୟରେ ଶ୍ରୀଜଗନ୍ନାଥ' ଉପରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଉମେଶ ଚନ୍ଦ୍ର ଚିନରା, ଡ. ନରେଶ ଚନ୍ଦ୍ର ଦାଶ, ଅଧ୍ୟାପିକା ବାସନ୍ତୀ ଦେବୀ। ସମ୍ପାଦକ ଡ. ଶ୍ରୀନିବାସ ଆଚାର୍ଯ୍ୟ ଏହାକୁ ସଞ୍ଚାଳନ କରିଥିଲେ।

ବିଂଶ ଶତାବ୍ଦୀରେ ଧର୍ମ ଓ ଆଧ୍ୟାତ୍ମ ଚେତନାର ଜାଗରଣରେ ଜଣେ ଧର୍ମନେତା ଭାବେ ଠାକୁର ଅଭିରାମଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ଥିଲେ ଜ୍ଞାନ ଓ ଭକ୍ତି ଭାବର ଉପାସକ। ତାଙ୍କ ରଚିତ ଭଜନଗୁଡ଼ିକ ଶ୍ରୀଜଗନ୍ନାଥ ଓ ଶ୍ରୀରାଧାକୃଷ୍ଣଙ୍କୁ କେନ୍ଦ୍ର କରି ସୃଷ୍ଟ। ସେ ରାଧାକୃଷ୍ଣଙ୍କୁ ଆଧାର କରି ଅନେକ ଗୀତିକବିତା ରଚନା କରିଥିଲେ। ଠାକୁର ଅଭିରାମ ସ୍ୱୀୟ ସାଧନାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶରୀର ରୂପରେ ଶ୍ରୀମନ୍ଦିରରେ ଅବଲୋକନ କରିବା ସହ ତ୍ରିମୂର୍ତ୍ତିଙ୍କ ଅସ୍ତିତ୍ୱ ଅନୁଭବ କରିଛନ୍ତି। ଅମୃତ ଗୀତା ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଯଥାକ୍ରମେ ସତ୍ତ୍ୱ, ରଜ ଓ ତମର ପ୍ରତୀକ। ମେଘନାଦ ପ୍ରାଚୀର ଘେରା ଶରୀରରୂପୀ ଶ୍ରୀମନ୍ଦିରର ପଶ୍ଚିମଦ୍ୱାର, ସିଂହଦ୍ୱାର, ଉତ୍ତରଦ୍ୱାର ଓ ଦକ୍ଷିଣ ଦ୍ୱାର ରୂପେ କର୍ଣ୍ଣ, ନାସା, ମୁଖ ଓ ନେତ୍ରକୁ ଅଭିହିତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେ ରାଧାକୃଷ୍ଣଙ୍କର ମିଳିତ ତନୁ ନ କହି ପ୍ରକୃତି ପୁରୁଷଙ୍କ ମିଳିତ ତନୁ ବୋଲି ଗ୍ରହଣ କରିଛନ୍ତି। ସେ ମୁସଲମାନ, ଖ୍ରୀଷ୍ଟିୟାନ, ହିନ୍ଦୁ ଧର୍ମାଦିକୁ ସମ୍ପ୍ରଦାୟ କହି ସନାତନ ଧର୍ମକୁ ଏକମାତ୍ର ଧର୍ମ କହିଛନ୍ତି ବୋଲି ଏହା ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଡ. ଜୟକୃଷ୍ଣ ଦାସ, ଡ. ଦିଗମ୍ବର ମହାନ୍ତି, ସୁନୀଲ କୁମାର ମିଶ୍ର, ଅନାମ ଚନ୍ଦ୍ର ସାହୁ, ଡ. କଲ୍ୟାଣୀ ନନ୍ଦୀ, ଉମାକାନ୍ତ ମହାପାତ୍ର, ଆଦିନାରାୟଣ ମହାରଣା, ଧ୍ରୁବଚରଣ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସଫଳତା ପଛରେ ରହିଛି କଠିନ ପରିଶ୍ରମ

ଫୁଲବାଣୀ ଅଫିସ, ୨।୨

ଲୋକେ ଭାବନ୍ତି କନ୍ଧମାଳ ପଛୁଆ ବା ଅନୁନ୍ନତ। ଏବେ ଆଉ ସେ କନ୍ଧମାଳ ନାହିଁ। ଏହା ଉନ୍ନତି ପଥରେ ଆଗେଇ ଚାଲିଛି। ଆଗାମୀ ଦିନରେ ଏହା ଆଗୁଆ ଜିଲାରେ ପରିଣତ ହେବ। ଯେଉଁଠି ବି ଉନ୍ନତି ହୋଇଛି ତା ପଛରେ ରହିଛି ସଫଳ ବ୍ୟକ୍ତିତ୍ୱଙ୍କ ପ୍ରଚ୍ଛନ୍ନ ହାତ। ସଫଳ ସେହିମାନେ ହୁଅନ୍ତି, ଯେଉଁମାନେ କଠୋର ପରିଶ୍ରମ କରନ୍ତି। ତେଣୁ ଆମକୁ ପ୍ରଥମେ ପରିଶ୍ରମ କରିବାକୁ ପଡିବ ବୋଲି କନ୍ଧମାଳ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ଅଧିକ ବୁଝାଇବାକୁ ଯାଇ ସେ ଆହୁରି କହିଛନ୍ତି, ଆଜିର ଏହି ଉତ୍ସବରେ ଯେଉଁ ୪ ମହିଳା ମଞ୍ଚାସୀନ ଅଛନ୍ତି, ସେମାନେ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ। ଜିଲାପାଳ ଡାକ୍ତରୀ ପଢ଼ିବା ପରେ ଭାରତୀୟ ପ୍ରଶାସନିକ ସେବାରେ ସଫଳ। ଦୌଡିବା ପାଇଁ ଦୂତୀ ଚାନ୍ଦ ବିଶ୍ୱରେ ପରିଚିତ। ଜିଲା ପରିଷଦ ଅଧ୍ୟକ୍ଷା ରାଜନୀତି କ୍ଷେତ୍ରରେ କଷ୍ଟ କରି ଆଜି ଏହି ପଦବୀରେ ବସିଛନ୍ତି। ଅର୍ଚ୍ଚିତା ଇଞ୍ଜିନିୟରିଂ ଛାତ୍ରୀ ହୋଇ ବି ଓଡିଆ ଫିଲ୍ମ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କନ୍ଧମାଳରେ ଅନେକ ଲୋକ ଅଛନ୍ତି, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ। ତେଣୁ ନିଜକୁ ପଛୁଆ ନ ଭାବି ସବୁଥିରେ ଆଗୁଆ ହେବା ପାଇଁ ପରିଶ୍ରମ କର ବୋଲି ଏମ୍‌ପି କହିଥିଲେ।



ଉତ୍ସବରେ ଉପସ୍ଥିତ ଅତିଥି।

## କନ୍ଧମାଳ ମହୋତ୍ସବ ଉଦ୍‌ଘାଟିତ

ଫୁଲବାଣୀ କରୋନେଶନ ପଡିଆରେ ଜିଲାପାଳ ଡା.ବୃନ୍ଦା ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, କ୍ରୀଡାବିତ୍ ଦୂତୀ ଚାନ୍ଦ, ଆଇଏଏସ ପ୍ରୋବେସନର ଡା.ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ସିନେତାରକା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅର୍ଚ୍ଚିତା ଏବଂ ସବ୍ୟସାଚୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମକୁ ଦର୍ଶକ ଭରପୁର ଉପଭୋଗ କରିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହାରାଷ୍ଟ୍ରର ପୁରୁଲିଆ ଛଉ, ରାଜସ୍ଥାନର ଚକ୍ରି ଏବଂ ସୁନ୍ଦରଗଡର ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପୂର୍ବାହ୍ନରେ ମା' ନାରାୟଣୀଙ୍କ ମନ୍ଦିରରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ସେଠାରୁ ମା' ମଶାଲ ଅଣାଯାଇ ଉତ୍ସବ ପାଖରେ ସ୍ଥାପନ କରାଯାଇଥିଲା। ବହୁ ସଂଖ୍ୟାରେ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଅସ୍ତ୍ରଶସ୍ତ୍ର ଧରି ନାଚି ନାଚି ପଡିଆ ଯାଏ ଆସିଥିଲେ। ମହୋତ୍ସବ ସହ ପଲ୍ଲିଶ୍ରୀ ମେଳା ମଧ୍ୟ ଆୟୋଜନ ହୋଇଛି। ରାଜ୍ୟ ତଥା ବାହାରୁ ବ୍ୟବସାୟୀ ଏଠାରେ ଷ୍ଟଲ ଖୋଲିଛନ୍ତି। ପ୍ରାୟ ୧୪୪ଟି ଷ୍ଟଲ ଚଳିତ ବର୍ଷ କରାଯାଇଛି। ଉଦ୍‌ଘାଟନୀ ଉତ୍ସବ ଛୁଟି ଦିନରେ ହୋଇଥିବାରୁ କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ବହୁ ଜନସାଧାରଣଙ୍କ ଭିଡ ଜମିଥିଲା। ସେହିପରି ଷ୍ଟଲଗୁଡ଼ିକରେ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଛି।